

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 FEBRUARY 2022
Vol.No. 33 ■ No. 50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତୁରନ୍ତ ୟୁକ୍ରେନ ଛାଡ଼ିବାକୁ ନାଗରିକମାନଙ୍କୁ କହିଲା ଭାରତ



ନୂଆଦିଲ୍ଲୀ, ୨୦/୦୨ : ରୁଷ ଓ ୟୁକ୍ରେନ ମଧ୍ୟରେ ଲାଗିଥିବା ରହିଥିବା ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାକୁ ଦେଖି ଭାରତ ସରକାର ନିଜ ଦେଶର ନାଗରିକମାନଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି। କୌଣସି ବି ମୁହୂର୍ତ୍ତରେ ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଭାରତ ସରକାର ସେଠାରେ ରହୁଥିବା ଭାରତୀୟ ନାଗରିକ ଓ ଶିକ୍ଷାର୍ଥୀମାନଙ୍କୁ ଅସ୍ଥାୟୀ ଭାବେ ସ୍ୱଦେଶ ଫେରି ଆସିବାକୁ ପରାମର୍ଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ୟୁକ୍ରେନରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଦୂତାବାସ ଜାରି କରିଥିବା ସତର୍କ ସୂଚନାରେ କହିଛି ଯେ ନିୟମିତ ଉଚ୍ଚସ୍ତରୀୟ ଟେନସନ ଓ ୟୁକ୍ରେନରେ ଘଟୁଥିବା ଘଟଣା ସମସ୍ତଙ୍କ ଚିନ୍ତା ବଢ଼ାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ୟୁକ୍ରେନରେ ରହୁଥିବା ସମସ୍ତ ଭାରତୀୟ ନାଗରିକ ଓ ସମସ୍ତ ଭାରତୀୟ ଶିକ୍ଷାର୍ଥୀମାନେ ଅସ୍ଥାୟୀ ଭାବେ ଭାରତ ଫେରି ଯାଆନ୍ତୁ। ଯଦି କାହାର ୟୁକ୍ରେନରେ ଜରୁରୀ କାମ ନାହିଁ, ତା'ହେଲେ ସେମାନେ ସ୍ୱଦେଶ ଫେରି ଯିବା ଦରକାର ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ ଭାରତୀୟ ଶିକ୍ଷାର୍ଥୀମାନେ ଚାର୍ଟର ବିମାନ ସମ୍ପର୍କରେ ସୂଚନା ପାଇଁ ସେମାନଙ୍କ କଣ୍ଟ୍ରାକ୍ଟରମାନଙ୍କ ସହ ଯୋଗାଯୋଗ କରନ୍ତୁ। ସେହିପରି ଯେକୌଣସି ଅପଡେଟ ପାଇଁ ସେମାନେ ଭାରତୀୟ ଦୂତାବାସର ଫେସବୁକ, ୱେବସାଇଟ ଓ ଟ୍ୱିଟରକୁ ମଧ୍ୟ ଅନୁସର ▶▶ପୃଷ୍ଠା ୭

## ହମଲା କରିପାରେ ରୁଷ : ବାଇଡେନ ଡାକିଲେ ବୈଠକ



ମସ୍କୋ, ୨୦/୦୨ (ନି.ପ୍ର): ରୁଷ ଓ ୟୁକ୍ରେନ ମଧ୍ୟରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଯୁଦ୍ଧ ଆଶଙ୍କା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ୟୁକ୍ରେନ ସୀମାନ୍ତରେ ରୁଷ ଆଣବିକ ସମରାଭ୍ୟାସ ସହ ସୈନ୍ୟ ସଂଖ୍ୟା ବଢ଼ାଉଛି। ସେହିପରି ଏକାଧିକ ମିଜାଇଲ ମଧ୍ୟ ପରୀକ୍ଷା କରୁଛି ମସ୍କୋ। ଖାଲି ସେତିକି ନୁହେଁ, ୟୁକ୍ରେନ ବିଚ୍ଛିନ୍ନତାବାଦୀଙ୍କୁ ମଧ୍ୟ ରୁଷ ସମର୍ଥନ ଘୋଷଣା କରିଛି। ଏସବୁ ଦେଖିଲେ ରୁଷ ଯେକୌଣସି ମୁହୂର୍ତ୍ତରେ ୟୁକ୍ରେନ ଉପରେ ହମଲା କରିପାରେ ବୋଲି ଆମେରିକା ଆଶଙ୍କା ପ୍ରକାଶ କରିଛି। ଏଥିସହ ସମ୍ଭାବ୍ୟ ଯୁଦ୍ଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଆଜି ଜରୁରୀ ବୈଠକ ମଧ୍ୟ ଡାକିଛନ୍ତି। ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତି ବାଇଡେନଙ୍କ ଜାତୀୟ ସୁରକ୍ଷା ଟିମ୍ ପୂରା ସ୍ଥିତି ଉପରେ ନଜର ରଖିଛି। ରୁଷ ଯେକୌଣସି ମୁହୂର୍ତ୍ତରେ ୟୁକ୍ରେନ ଉପରେ ହମଲା କରିପାରେ ବୋଲି ଏହି ଟିମ୍ ବାଇଡେନଙ୍କୁ ସୂଚନା ଦେଇଛି। ▶▶ପୃଷ୍ଠା ୭

## ଭାରତର ବିଭିନ୍ନ ଭାଗରେ ବିବିଧ ପରମ୍ପରା ଓ ଧାର୍ମିକ ପ୍ରଣାଳୀ ପ୍ରଚଳିତ ରହିଛି : ରାଷ୍ଟ୍ରପତି




ପୁରୀ/ ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଭାରତର ବିଭିନ୍ନ ଭାଗରେ ବିବିଧ ପରମ୍ପରା ଓ ଧାର୍ମିକ ପ୍ରଣାଳୀ ପ୍ରଚଳିତ ରହିଛି। ହେଲେ ଏହି ସବୁ ଆସ୍ଥା ପଛରେ ଏକ ମାତ୍ର ବିଚାର ରହିଛି ଓ ତାହା ହେଲା ଇଶ୍ୱର ଭକ୍ତି ସହିତ ସମ୍ପୂର୍ଣ ମାନବିକତାକୁ ଗୋଟିଏ ପରିବାର ବୋଲି ମନେ କରି ସମସ୍ତଙ୍କ କଲ୍ୟାଣ ପାଇଁ କାମ କରିବା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା କହିଛନ୍ତି। ପୁରୀ ଠାରେ ଗୌଡୀୟ ମଠର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀମଦ ଭକ୍ତିସିଦ୍ଧାନ୍ତଙ୍କ ୧୫୦ ତମ ଜୟନ୍ତୀର ଉଦଘାଟନ ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି ଏହା କହିଛନ୍ତି। ସେ କହିଛନ୍ତି ଯେ ପରମ ଶକ୍ତି ସମସ୍ତ ରୂପରେ ପୂଜନୀୟ। ହେଲେ ଭାରତରେ ଭକ୍ତି ଭାବରେ ଇଶ୍ୱରଙ୍କୁ ପୂଜା କରିବାର ପରମ୍ପରା ସବୁଠାରୁ ଗୁରୁତ୍ୱପୂର୍ଣ। ଆମ ଭାରତ ଭୂମି ଧନ୍ୟ କାରଣ ଏଠାରେ ଚୈତନ୍ୟ ମହାପ୍ରଭୁଙ୍କ ଭଳି ମହାନ ପୁରୁଷ ଜନ୍ମ ନେଇ ନିସ୍ୱାର୍ଥ ଉପାସନାର ମାର୍ଗ ଦେଖାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ଧର୍ମକୁ ଆଧାର କରି ମାନବତାର ବିଭାଜନ କରାଯାଇପାରିବ ନାହିଁ। ସତ୍ୟକୁ ବିଭାଜିତ କରିହେବ ନାହିଁ। ଗୋଟିଏ ସତ୍ୟକୁ ଭିନ୍ନ ଭିନ୍ନ ରୂପରେ ବର୍ଣ୍ଣନା କରାଯାଇଥାଏ। ସେ କହିଛନ୍ତି ଯେ ସେ ସେହି ପରମଶକ୍ତି ନିଜର ସବୁ ରୂପରେ ପୂଜନୀୟ ଅଟନ୍ତି। ଭାରତରେ ଭକ୍ତି-ଭାବ ନେଇ ଇଶ୍ୱରଙ୍କୁ ପୂଜା କରିବାର ପରମ୍ପରା ସର୍ବାଧିକ ମହତ୍ୱପୂର୍ଣ୍ଣ ଦିଗ ଭାବେ ରହି ଆସିଛି। ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ





ଭୁବନେଶ୍ୱର, ୨୦/୦୨ (ନି.ପ୍ର): ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଭଦ୍ରକ ତିହିଡି ବ୍ଲକର ୪ ନମ୍ବର ବୁଥରେ ଖୁଲ୍ଲମଖୁଲା ବୁଥ ରିଂଗିଂ ହୋଇଥିବା ଦେଖିବାକୁ ମିଳିଛି। ଜଣେ ମହିଳା ବୁଥ୍ ଭିତରେ ପ୍ରବେଶ କରି ଅନ୍ୟ ଭୋଟରଙ୍କ ପାଇଁ ଭୋଟ୍ ଦେଉଥିବା ଦେଖିବାକୁ ମିଳିଛି। ଗଣମାଧ୍ୟମ ପ୍ରତିନିଧି ଏବଂ ଭୋଟର ଏହାକୁ ନେଇ ଆପତ୍ତି ଉଠାଇବା ପରେ ସଂପୃକ୍ତ ମହିଳା ଜଣଙ୍କ ଧମକ ଦେଇଥିବା ଅଭିଯୋଗ ହୋଇଛି। ସ୍ଥିତି ଏମିତି ଉପୁଜିଲା ଯେ ମହିଳାଙ୍କ ଦୌରାତ୍ମ୍ୟ ଦେଖି ପ୍ରିଜାଇଡିଂ ଅଫିସର ବୁଥ ବାହାରେ ଥିବା ପୁଲିସର ସହାୟତା ଲୋଡିଥିଲେ। ହେଲେ ପୁଲିସ ଅଧିକାରୀ ସହଯୋଗ କରିନଥିବା ସୂଚନା ରହିଛି। ଏମିତିକି ଜଣେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଭୋଟ୍ ନଦେଇ ମହିଳା ଜଣଙ୍କ ତଡି ଦେଇଥିବା ସୂଚନା ରହିଛି। ତେବେ ଅତିରିକ୍ତ ଏଏସପି କହିଛନ୍ତି ଶାନ୍ତି ଶୃଙ୍ଖଳାର ସହିତ ମତଦାନ ହୋଇଛି। ସେହିପରି ଭୋଟର ତାଲିକାରେ ନା ନଥିବା ଦେଖି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ୧୪ ନମ୍ବର ବା ରାଇଲିମା ବୁଥର କିଛି ଡଙ୍ଗରିଆ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପୋଲିସ ସାମ୍ନାରେ ବୁଥ ବାକ୍ସକୁ ଉଠାଇ ନେଇଥିବା ଦେଖିବାକୁ ମିଳିଛି। ଏହାପରେ ▶▶ପୃଷ୍ଠା ୭

## ନିର୍ବାଚନ ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ନିନ୍ଦା କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ପଂଚାୟତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଓ ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ଦୃଢ ନିନ୍ଦା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଉପରେ ବାରମ୍ବାର ଆକ୍ରମଣ ଆମ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଆଜି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭଳି ଆଜି ମଧ୍ୟ ଅନେକ ସ୍ଥାନରେ ହିଂସା ଏବଂ ସାମ୍ବାଦିକ ଭାଇଙ୍କ ଉପରେ ଆକ୍ରମଣ ହୋଇଥିବା ଦେଖାଯାଇଛି। ବିଶେଷତଃ ଯାଜପୁର ଜିଲ୍ଲା ବିଞ୍ଝାରପୁରରେ ସାମ୍ବାଦିକଙ୍କ ଉପରେ ଅମାନୁଷିକ ଆକ୍ରମଣର ଦୃଶ୍ୟ ମୋତେ ବ୍ୟଥିତ କରିଛି। ▶▶ପୃଷ୍ଠା ୭

## ତୃତୀୟ ପର୍ଯ୍ୟାୟରେ ୭୧ % ମତଦାନ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ପଂଚାୟତ ନିର୍ବାଚନର ୩ୟ ପର୍ଯ୍ୟାୟ ପାଇଁ ମତଦାନ ପ୍ରକ୍ରିୟା ସରିଛି। ତୃତୀୟ ପର୍ଯ୍ୟାୟରେ ୭୧% ମତଦାନ ହୋଇଥିବା ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ ଯାଜପୁର ଜିଲ୍ଲା ବିଞ୍ଝାରପୁରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ନିନ୍ଦନୀୟ।ଏହି ଘଟଣାରେ ତୁରନ୍ତ ଦୋଷୀମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ୍ ଡିଜି ଓ ଯାଜପୁର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାଲକାନଗିରି ଜିଲ୍ଲାର ମାଥିଲି ଓ ପୋଡିଆ ବ୍ଲକ୍, କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ମାଓ ପ୍ରବଣ ହୋଇଥିଲେ ହେଁ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। କିଛି ସ୍ଥାନରେ ବିଶୃଙ୍ଖଳା ଯୋଗୁଁ ମତଦାନ ବାଧାପ୍ରାପ୍ତ ହୋଇଛି। ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଛି। ଏହା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନ କମିଶନର କହିଛନ୍ତି। ସୂଚନାଯୋଗ୍ୟ, ଆଜି ସକାଳ ୭ଟାରୁ ମତଦାତାମାନେ ଭୋଟ ଦେଇଛନ୍ତି। ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ଜାରି ରହିଥିଲା। ମଧ୍ୟାହ୍ନ ୧୨ଟା ସୁଦ୍ଧା ୪୫% ମତଦାନ ହୋଇଥିଲା। ମତଦାନ ସମୟରେ ସୁରକ୍ଷା ପାଇଁ ୨୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ୧୬୨୫ଟି ମୋବାଇଲ ପାଟ୍ରୋଲିଂ ପାର୍ଟି ମୁତୟନ ହୋଇଥିଲେ। ୨୯ଟି ଜିଲ୍ଲାର ୬୩ଟି ବ୍ଲକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ୧୭୧ଟି ଜିଲ୍ଲା ପରିଷଦ ଆସନ, ୧୩୮୨ ପଂଚାୟତରେ ଉଭୟ ସରପଂଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ରାଜ୍ୟର ୫୬୫୩୪୦୫ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୧୮୪୯୫ଟି ବୁଥ୍ ଚୂଡ଼ାନ୍ତ ହୋଇଥିବାବେଳେ ସେଥିରୁ ୨୭୭୩ଟି ଉତେଜନାପ୍ରବଣ ▶▶ପୃଷ୍ଠା ୭

## ନଦୀକୁ ଖସିଗଲା କାର୍, ବର ସମେତ ୯ ମୃତ

ଜୟପୁର, ୨୦/୦୨ (ନି.ପ୍ର): ନଦୀକୁ ଖସିଲା ବରଯାତ୍ରୀ କାର। ବର ସମେତ ୯ ଜଣଙ୍କ ଚାଲିଗଲା ପ୍ରାଣ। ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି ରାଜସ୍ଥାନର କୋଟା ଅଞ୍ଚଳରେ। ଆଜି ସାକାଲୁ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବରଯାତ୍ରୀ ନେଇ ଯାଉଥିବା ଏକ କର୍ ରାଜସ୍ଥାନ କୋଟାର ନାୟାପୁରା ବ୍ରିଜରୁ ନିୟନ୍ତ୍ରଣ ହରାଇ ଚମ୍ବଲ ନଦୀକୁ ଖସି ପଡିଛି। ଫଳରେ ଘଟଣାସ୍ଥଳରେ ୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବର ମଧ୍ୟ ସାମିଲ ଅଛି। ସେପଟେ ଏହି ଦୁର୍ଘଟଣାରେ ଜଣେ ଗୁରୁତର ଥିବା ସୂଚନା ମିଳିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାର୍‌ଟିକୁ ନଦୀ ଭିତରୁ ବାହାର କରିବା ପାଇଁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି।

## ଉତ୍ତରପ୍ରଦେଶରେ ସରିଲା ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଉତ୍ତରପ୍ରଦେଶ, ୨୦/୦୨ : ଉତ୍ତରପ୍ରଦେଶରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୫୭ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ସୂଚନା ଦେଇଛନ୍ତି ନିର୍ବାଚନ କମିସନ। ଉତ୍ତରପ୍ରଦେଶର ୧୬ ଜିଲ୍ଲାର ୫୯ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯାଇଛି। ପ୍ରାୟ ୨କୋଟି ୧୬ ଲକ୍ଷ ଭୋଟର ଭୋଟ୍ ଦେଇ ୬୨୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଭୋଟଗ୍ରହଣ ପ୍ରକ୍ରିୟା ଶେଷ ହେବା ସହ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ତୃତୀୟ ପର୍ଯ୍ୟାୟ ଭୋଟିଂରେ ବିଶେଷ କରି କରହଲ ଆସନ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ସପା ମୁଖ୍ୟ ଅଖିଳେଶ ଯାଦବ। ସେପଟେ ପଞ୍ଜାବରେ ୧୧୭ ଆସନରେ ଭୋଟ ଗ୍ରହଣ କରାଯାଇଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୬୮ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି।

## ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୦/୦୨ (ନି.ପ୍ର): ପଶ୍ଚିମା ଝଡ ସହ ଜଡିତ ମେଘ ଖଣ୍ଡ ପଶ୍ଚିମରୁ ପୂର୍ବକୁ ଗତି କରିବା ସହ ଆଭ୍ୟନ୍ତରୀଣରୁ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବିଜୁଳି-ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏଥିସହ ଉତର ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ଏବଂ ଦକ୍ଷିଣ ଉପକୂଳ ଓଡିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକରେ ଶୁଖିଲା ପାଗ ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚଚନାରେ କୁହାଯାଇଛି।

## ବିଂଝାରପୁର ସାମ୍ବାଦିକ ଆକ୍ରମଣ ଘଟଣାରେ ୨୫ ଅଟକ



ଭୁବନେଶ୍ୱର, ୨୦/୦୨ (ନି.ପ୍ର): ସତେ ଯେମିତି ଲାଗୁଥିଲା, ଆଜି ହିଂସା ଓ ଗୁଣ୍ଡାରାଜ ଭିତରେ ସରିଛି ପଞ୍ଚାୟତର ତୃତୀୟ ପର୍ଯ୍ୟାୟ ନିର୍ବାଚନ। ତୃଣମୂଳସ୍ତରକୁ ଶାସନରେ ଭାଗିଦାର କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ପ୍ରୟାସରୁ ଆରମ୍ଭ ହୋଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା, ଏକ ଏଭଳି ପର୍ଯ୍ୟାୟକୁ ଆସିଯିବ, ଯାହା ବୋଧହୁଏ କେହି କେବେ କଳ୍ପନା କରିନଥିବେ। ଯାଜପୁରର ବିଂଝାରପୁର ଅଞ୍ଚଳରେ ଆଜି ୪୦ରୁ ୫୦ ଦୁର୍ବୃତ ସାମ୍ବାଦିକମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ସମସ୍ତେ ମିଶି ଏମାନଙ୍କୁ ଆକ୍ରମଣ କରୁଥିବାର ଭିଜୁଆଲ ମଧ୍ୟ କ୍ୟାମେରାରେ କଏଦ ହୋଇଛି। ଅବଶ୍ୟ ସେମାନେ ମୋବାଇଲ ଛଡାଇ ନେଇଛନ୍ତି, କିନ୍ତୁ ଆମ ପ୍ରତିନିଧିଙ୍କ ପାଖରେ ରହିଯାଇଥିବା ମୋବାଇଲରେ ଆକ୍ରମଣର ଭିଜୁଆଲ ରେକର୍ଡ ହୋଇଛି। ତିନି ଜଣ ସାମ୍ବାଦିକ ଆହତ ହୋଇ ପ୍ରଥମେ ବିଂଝାରପୁର ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହାକୁ ନେଇ ଚାରିଆଡେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଯାଜପୁର ବିଂଝାରପୁର ଅଞ୍ଚଳର ଏହି ଘଟଣା ବୟାନ କରୁଛି ଯେ, ଯାଜପୁର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପଦଜନକ ଅବସ୍ଥାରେ ଅଛି। ସାମ୍ବାଦିକଙ୍କୁ ଦୁର୍ବୃତ ମାନେ ମିଶି ଖୁଲମଖୁଲା ଆକ୍ରମଣ କରୁଛନ୍ତି। ଲାଗୁଛି ଓଡ଼ିଶା ବିହାର ବନିଯାଇଛି, ଏବଂ ଏଠାରେ ଆଉ କାହା ନିୟନ୍ତ୍ରଣରେ କିଛି ନାହିଁ। ଏହି ସାମ୍ବାଦିକଙ୍କ ଦୋଷ ହେଉଛି, ସେମାନେ ସତ ଦେଖାଇବାକୁ ଚେଷ୍ଟା କରିଛନ୍ତି। ବାଛଳ ପଞ୍ଚାୟତର ୨ ନମ୍ବର ଓ ୪ନମ୍ବର ବୁଥରେ ବୁଥ ରିଗିଂ ହେଉଥିବାର ଖବର ପାଇ ସେମାନେ ଘଟଣା ସ୍ଥଳକୁ ଯାଇଥିଲେ। ଏବଂ ପହଞ୍ଚିବା ପରେ ଦେଖିଲେ ୨ନମ୍ବର ବୁଥର ବାଲାଟ୍ ବକ୍ସକୁ ଏହି ଦୁର୍ବୃତ ମାନେ ପୋଖରୀରେ ଫୋପାଡ଼ିଦେଉଛନ୍ତି। ଏହାର ଭିଡ଼ିଓ ▶▶ପୃଷ୍ଠା ୭

## କାଦ୍ରିୟାଁ ପଞ୍ଚାୟତରେ ହୋଇଥିବା ର୍ୟାଗିଂ ଭୋଟ ଅଭିଯୋଗ

### ଥାନା ଅଧିକାରୀ-ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ



ବାଲେଶ୍ୱର,୨୦/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନର ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ କାଦ୍ରିୟାଁ ପଞ୍ଚାୟତରେ ହୋଇଥିବା ର୍ୟାଗିଂ ଭୋଟ ଓ ବୁଥ କବଜାରେ ସରକାରୀ କଳ ତଥା ପୁଲିସକୁ ଦାୟୀ କରିଛି ଜିଲା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି ଯୋଗଦେଇ ସିଂଲା ଥାନାଧିକାରୀ ଓ ବସ୍ତା ବିଡିଓଙ୍କ ସହଯୋଗରେ ର୍ୟାଗିଂ ଭୋଟ ଓ ବୁଥ ଦଖଲ ହୋଇଥିବା କହିଛନ୍ତି। ମାତ୍ର ୧୯ ତାରିଖରେ ଜଳେଶ୍ୱର ବିଧାୟକ ସ୍ପଷ୍ଟୀକରଣ ଦେବା ଆଳରେ ବିଡିଓ ଏବଂ ଥାନା ଅଧିକାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଗିରି ଆରୋପ କରିଛନ୍ତି। ପୂର୍ବରୁ ସୂଚନା ଥିବା ସତ୍ତ୍ୱେ ସେଠାରେ ଅଧିକ ପୁଲିସ ମୁତୟନ କିମ୍ବା ସିସି କ୍ୟାମେରା ବ୍ୟବସ୍ଥା କରାଯାଇ ନଥିଲା। ଉଲେଖନୀୟ ବିଷୟ ହେଲା ର୍ୟାଗିଂ କରି ଏହି ପଞ୍ଚାୟତରେ ମୃତ ଓ ଅନୁପସ୍ଥିତ ବ୍ୟକ୍ତିଙ୍କ ଭୋଟ ଦିଆଯିବା ଯୋଗୁଁ ମତଦାନ ହାର ୯୫ ପ୍ରତିଶତ ଛୁଇଁବା କଂଗ୍ରେସ କର୍ମକର୍ତ୍ତାମାନେ କହିଛନ୍ତି। ସକାଳ ୯ଟା ସୁଦ୍ଧା ୯୫ ପ୍ରତିଶତ ସରିଯାଇଥିବା ନେଇ ଜଳେଶ୍ୱର ବିଧାୟକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନାରୁ ର୍ୟାଗିଂ ଭୋଟିଂ ଦ୍ୱାରା ଏହା ସମ୍ଭବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏଣୁ କାଦରେୟାଁ ପଞ୍ଚାୟତ ନିର୍ବାଚନକୁ ଅସିଦ୍ଧ ଘୋଷଣା ସହ ସାନି ମତଦାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି ▶▶ପୃଷ୍ଠା ୭

# ମାଲକାନଗିରି ମହାବିଦ୍ୟାଳୟରେ ଏକ ଦିବସୀୟ କ୍ୟାରିଅର କାଉନସେଲିଂ

ମାଲକାନଗିରି,୨୦/୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଏକ ଦିବସୀୟ କ୍ୟାରିଅର କାଉନସେଲିଂ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ସ୍ମାର୍ଟକ୍ଲାସ ରୁମରେ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନରସିଂହ ପାଢ଼ୀ, ଏଲଦଡିଏମ ଭାରତୀୟ ଷ୍ଟେଟ ବ୍ୟାଙ୍କ ଯୋଗଦାନ କରି ସ୍ନାତକ ପାଠ ସାରିବା ପରେ ଛାତ୍ରଛାତ୍ରୀ କିପରି ବ୍ୟାଙ୍କିଙ୍ଗ କ୍ଷେତ୍ରରେ କର୍ମ ନିଯୁକ୍ତି ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ବ୍ୟାଙ୍କିଙ୍ଗ କ୍ଷେତ୍ରରେ କୌଣସି ପ୍ରକାର ମେରିଟ ନଥିବା ସତ୍ୱେ କଠିନ ପରିଶ୍ରମ ଓ ନିୟମିତ ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ମାନେ ସଫଳତା ପାଇପାରିବେ ବୋଲି ଶ୍ରୀ ପାଢ଼ୀ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଇକ୍ୟୁଏସି ସେଲର ସଂଯୋଜକ ଡଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ପ୍ରମିୟ କୁମାର ମହାନ୍ତି, କ୍ୟାରିଅର କାଉନସେଲିଂ ସଂଯୋଜକ ପ୍ରତ୍ୟେକ୍ଷ ଉପସ୍ଥିତ ରହି ପ୍ରୋଜେକ୍ଟର ମାଧମରେ କ୍ୟାରିଅର କାଉନସେଲିଂର ଉଦ୍ଦେଶ୍ୟ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅଧାପକ ଲିଙ୍ଗରାଜ ମିଶ୍ର, ଅର୍ଥନୀତି ବିଭାଗ ଯୋଗଦାନ କରି ଭବିଷ୍ୟ ପନ୍ଥା ଉପରେ ଆଲୋକପାତ କରିଥିଲେ । ଅର୍ଥନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅରୁଣ କୁମାର ପାଣ୍ଡରାକି, ବାଣିଜ୍ୟ ବିଭାଗ ଅଧାପକ ବି. ଗୁପ୍ତେଶ୍ୱର ରାଓ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି କଳା ଓ ବାଣିଜ୍ୟର ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଶେଷଜ୍ଞଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଏହି କାର୍ଯ୍ୟକ୍ରମ କୋଭିଡ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ଶେଷରେ ପ୍ରମିୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନ ବ୍ଲକ ୨ ନମ୍ବର ଜୋନ ବିଜେଡି-ବିଜେପି ପାଇଁ ସମ୍ମାନର ପ୍ରଶ୍ନ

ଭୁବନ,୨୦/୨ (ନି.ପ୍ର): ଭୁବନ ବ୍ଲକ ର ୨ ନମ୍ବର ଜୋନଟି ଏବେ ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହିଜୋନଟି ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ପାଇଁ ଅଗ୍ନିପରୀକ୍ଷା ସଦୃଶ ହୋଇଛି । ଦୟଣାବିଲି, ସୁପ୍ରତାପପୁର, ଗଡ଼ନୃସିଂହ ପ୍ରସାଦ, ବାରୁଆଁ, ଓଡ଼ିଶ, ଧଳପଡ଼ା, କୁନିନ୍ଦା ପ୍ରଭୃତି ପଂଚାୟତକୁ ନେଇ ଗଠିତ ଦୁଇନମ୍ବର ଜୋନଟି ବିଜେଡିର ଦୁର୍ଗ ଭାବେ ପରିଚିତ । ଚଳିତଥର ବିଜେଡି ଦୁର୍ଗକୁ ଭାଙ୍ଗିବାକୁ ବିଜେପି କଳ, ବଳ, କୌଶଳ ସବୁ ଲଗାଇ ଦେଇଛି । କାରଣ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜେନା ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କାକ୍ଷାମାନଗର ବିଧାୟକ ପ୍ରାର୍ଥୀ ଶତୃଘ୍ନ ଜେନା ଏହି ଜୋନର ବାସିନ୍ଦା । ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ବିଜୟ/ପରାଜୟ ସେମାନଙ୍କ ଭବିଷ୍ୟତ ନିର୍ଣ୍ଣୟ କରିବ । ବିଜେଡି ତରଫରୁ ବ୍ଲକ ବିଜେଡି ସଭାପତି ତଥା ପୂର୍ବତନ ସରପଂଚ ରମେଶ ଚନ୍ଦ୍ର ସାହୁ ପ୍ରାର୍ଥୀ ହୋଇଥିବା ବିଜେପି ତରଫରୁ ବିରେନ୍ଦ୍ର ପ୍ରତାପ ଜେନା ପ୍ରାର୍ଥୀ ହୋଇଛନ୍ତି । ବିଜେପି ନେତା ପ୍ରେମାନନ୍ଦ ଜେନାଙ୍କ ନିକଟ ସଂପର୍କୀୟ ହେଉଛନ୍ତି ବିରେନ୍ଦ୍ର । ବିରେନ୍ଦ୍ର ଦୀର୍ଘଦିନ ଧରି ବିଜେଡିର ଜଣେ ସକ୍ରିୟ ତଥା ଆଗ ଧାଡିର କର୍ମୀ ଥିଲେ ଓ ସେ ଗତ ଦୁଇଟି ପଂଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପାଇଁ କାର୍ଯ୍ୟ କରି ଜିତାଇଥିଲେ । ନିକଟ ଅତୀତରେ ସେ ବିଜେପିରେ ମିଶିଥିଲେ ଓ ବିଜେପି ତାଙ୍କୁ ଜିଲ୍ଲା ପରିଷଦ ପ୍ରାର୍ଥୀ କରି ଜିତାପଟ ମାରିବାକୁ ପ୍ରୟାସ କରୁଛି । ବିରେନ୍ଦ୍ରଙ୍କ ପାଇଁ ପ୍ରେମାନନ୍ଦ ଜେନା ଓ ଶତୃଘ୍ନ ଜେନା ରଣନୀତି ପ୍ରସ୍ତୁତ କରିବା ସହ ନିଜେ ମଙ୍ଗୁଆଳ ସାଜି ବିଭିନ୍ନ ଗ୍ରାମରେ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଲାଗିଛନ୍ତି । ଫଳରେ ମନ୍ତ୍ରୀଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ସାଜିଛି । ମନ୍ତ୍ରୀ ଘନ ଘନ ଏହି ଜୋନରେ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ଆଜି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ସାଂସଦ ମହେଶ ସାହୁ, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଏବଂ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଏହି ଜୋନ୍‌ର ବିଭିନ୍ନ ପଂଚାୟତରେ ଜିଲ୍ଲା ପରିଷଦ ପ୍ରାର୍ଥୀ ରମେଶଚନ୍ଦ୍ର ସାହୁଙ୍କ ସମେତ ସ୍ଥାନୀୟ ସରପଂଚ, ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଧରି ରାଲି କରିବାସହ ଦୟଣାବିଲି ପଂଚାୟତର ନୂଆଗାଁ ତୋଟାରେ ନିର୍ବାଚନୀ ସଭା କରି ନବିନ ସରକାରଙ୍କ ବିଭିନ୍ନ ଲୋକାଭୀମୁଖୀ ତଥା ଜନକଲ୍ୟାଣ ଯୋଜନା ସଂପର୍କରେ ଲୋକଙ୍କୁ ବୁଝାଇ ରମେଶ ଚନ୍ଦ୍ର ସାହୁଙ୍କୁ ଶଂଖଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଉଭୟ ବିଜେଡି –ବିଜେପି ପ୍ରାର୍ଥୀଙ୍କ ମଧରେ କଡ଼ା ମୁକାବିଲା ହେଉଥିବାବେଳେ କିଏ ଜିତିବ ତାହା ସମୟ କହିବ ।

# ବଗଡ଼ା ପଂଚାୟତରେ ଖୋଲାମଂଚ

କେନ୍ଦ୍ରାପଡ଼ା,୨୦/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବଗଡା ପଂଚାୟତର ସିଦ୍ଧ ମରିଚାଣୀ ଠାକୁରାଣୀଙ୍କ ପଡିଆରେଏକ ଖୋଲାମଂଚ ବିତର୍କ ଅଧାପକ ଅଜୟ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଆଦିକନ୍ଦ ରାଉଳ ଖୋଲାମଂଚ ବିତର୍କ ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିବା ପରେ ୮ନଂ ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥୀ, ସମିତି ସଭ୍ୟ ପ୍ରାର୍ଥୀ, ସରପଂଚ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ବକ୍ତବ୍ୟ ରଖିଥିଲେ ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଖୋର୍ଦ୍ଧା, ୧୯/୦୨ (ନି.ପ୍ର): ଜନୈକ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଚିତରଂଜନ ପଲେଇ (୩୪ ବର୍ଷ) । ସୂଚନା ଅନୁଯାୟୀ, ଗତକାଲି ରାତିରେ ଟାଇଲ୍ କାମ କରିବା ପାଇଁ ଟାଙ୍ଗୀ ଥାନା ଝରିଆ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଘରକୁ ମାର୍ବଲ ମିସ୍ତ୍ରୀ ଜଣଙ୍କ ଯାଇଥିଲେ । ହେଲେ ସେଠାରେ ମାର୍ବଲ ମିସ୍ତ୍ରୀ ଜଣକ ମହିଳାଙ୍କୁ ଏକୁଟିଆ ଥିବାର ସୁଯୋଗ ନେଇ ଦୁଷ୍କର୍ମ କରିଥିଲା । ଏନେଇ ମହିଳା ଜଣକ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତି କରି ପୋଲିସ ଅଭିଯୁକ୍ତଙ୍କ ନାମରେ କେଶ୍ ନଂ ୧୦୬/୨୨ରେ ମାମଲା ରୁଜୁକରି ତଦନ୍ତ ଜାରିରଖିଛି । ପରେ ପୋଲିସ୍ ଉଭୟଙ୍କର ଡାକ୍ତରୀ ମାଇନା କରିଥିବା ଜଣାପଡିଛି ।

# ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀ ବିକାଶ ଦିଗରେ କାମ ଚାଲିଛି

ବଲାଙ୍ଗିର,୨୦/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଐତିହ୍ୟ ସ୍ଥଳୀ ଭୀମଡୁଙ୍ଗୁରୀ ଠାରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ନିତିଶ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପର୍ଯ୍ୟଟକ ମାନଙ୍କ ପାଇଁ ନୌଚାଳନାର ବ୍ୟବସ୍ଥା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଏହା ବ୍ୟତୀତ ଭୀମଡୁଙ୍ଗୁରୀ ଠାରେ ଥିବା ପ୍ରତ୍ୟେକ ଗୁମ୍ଫାକୁ ସଂଲଗ୍ନ ପାଇଁ ପାହାଚ ନିର୍ମାଣ କରି ପାହାଚ ଟାଇଲ୍ସ ଓ ପାହାଚ କଡରେ ଷ୍ଟିଲ୍ ରେଲିଂ ଲଗାଉଥିବା ବେଳେ ଜିଲ୍ଲାର ପରିବେଶକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କାମ ଚାଲିଛି । ଏଠାରେ କଟେଜ ନିର୍ମାଣ, ଶିଶୁ ଉଦ୍ୟାନ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ପାଇଁ ଟ୍ରାନ୍ସଫର୍ମର ସ୍ଥାପନା, ପର୍ଯ୍ୟଟନ ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ଯୋଜନା ମୁତାବକ କାମ ହେବ ବୋଲି ବଲାଙ୍ଗିର ବନ ବିଭାଗ ସୂଚନା ଦେଇଛି । ବଲାଙ୍ଗିର ରେଞ୍ଜର କେଶବ କିଶୋର ନାୟକ ତାଙ୍କ ସହିତ କର୍ମଚାରୀ ମାନଙ୍କୁ ଏହି କାମ ଦାୟିତ୍ୱ ଦିଆଯାଇଛି । ପରିବେଶ ସହ ପର୍ଯ୍ୟଟନର ଉନ୍ନତି ପାଇଁ ଓଡିଶା ସରକାର ପଦକ୍ଷେପ ନେଉଥିବା ସୂଚନା ମିଳିଛି ।

# ଜୀବନ ସୁରକ୍ଷା ଦିଗରେ ଟିକାକରଣ ଅପରିହାର୍ଯ୍ୟ: ଗଞ୍ଜାମ ଜିଲ୍ଲାପାଳ

## ପୋଲିଓ ଓ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ପରିଚାଳନା ନେଇ ଜିଲ୍ଲା ଟାସ୍କଫୋର୍ସ ବୈଠକ

ଛତ୍ରପୁର,୨୦/୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଚତୁର୍ଥ ରାଉଣ୍ଡ ପଲ୍ସ ପୋଲିଓ ଏବଂ ମିଶନ୍ ଇନ୍ଦ୍ର ଧନୁଷ ଜରିଆରେ ମା’ ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଚଳିତ ମାସ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମର ସୁପରିଚାଳନା ଘେନି ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଭ୍ରୁମ୍ ଆଭାସୀ ମାଧମରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଜିଲ୍ଲାପାଳ ଜଣାଇଥିଲେଯେ, ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ସକାଶେ ବ୍ଲକ୍‌ସ୍ତରୀୟ ବୈଠକ ଆଗତ କରି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉ ଏବଂ କାର୍ଯ୍ୟକ୍ରମ ଚାଲୁ ରହିବା ଦିନର ପ୍ରତ୍ୟେକ ସଂଧ୍ୟାରେ ବୈଠକ କରି ଏହାର ସୁଦୂର ପ୍ରସାର ହେବ । ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି । ଫେବୃୟାରୀ ମାସ ୨୭ ତାରିଖ ଠାରୁ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ଜନ୍ମଗ୍ରହଣ କରିଥିବା ଶିଶୁଙ୍କ ଠାରୁ ଆରମ୍ଭ କରି ୫ ବର୍ଷ ବୟସ ଶିଶୁ ପର୍ଯ୍ୟନ୍ତ ଚତୁର୍ଥ ରାଉଣ୍ଡ ପୋଲିଓ ବୁନ୍ଦା ଘରକୁ ଘର ବୁଲି ୩୪୯୧୫୬ ଶିଶୁଙ୍କୁ ଖୁଆଯିବ । ଏଥିସକାଶେ ଗଞ୍ଜାମ ଜିଲ୍ଲାରେ ୧୬୧୭ଗୋଟି ବୁଥ୍ କରାଯାଇ ୩୨୩୪ ଗୋଟି ଦଳକୁ ନିୟୋଜିତ କରାଯିବ । ଆଗାମୀ ଦିନରେ ୬୪୬୮ ଜଣ ବୁନ୍ଦା ପ୍ରଦାନକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ନିୟୋଜିତ କରାଯିବ । ୩୨୩ ଜଣ ସୁପରଭାଇଜର ଏହାକୁ ପରିଚାଳନା କରିବେ । ୫୫ ଗୋଟି ମୋବାଇଲ୍ ଟିମ୍ କାର୍ଯ୍ୟ କରିବ । ଏଠାରେ ପ୍ରକାଶଥାଉ କି ଗତ ୨୦୧୯ ମାର୍ଚ୍ଚ ମାସରେ ୩୪୨୩୭୮ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା, ୨୦୨୦ ମସିହା ଜାନୁୟାରୀରେ ୩୪୯୧୫୬ ଜଣଙ୍କୁ ଏବଂ ୨୦୨୧ ଜାନୁୟାରୀ ମାସରେ ୩୪୪୦୫୬ ଜଣଙ୍କୁ ବୁନ୍ଦା ଖୁଆଇ ଦିଆଯାଇଥିବାବେଳେ ଚଳିତ ୨୦୨୨ ବର୍ଷରେ ୩୫୨୯୭୯ ଜଣଙ୍କୁ ଏହି ବୁନ୍ଦା ଖୁଆଇବା ସକାଶେ ବ୍ୟବସ୍ଥା କରାଯାଇଅଛି । ଗତବର୍ଷ ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ସଫଳତା ହାସଲ କରିଥିବା ହେତୁ ଜାତୀୟ ସ୍ତରରେ ସମ୍ମାନୀତ ହୋଇପାରିଥିଲା ।

ଏହି ବୈଠକରେ ମିଶନ୍ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମକୁ ତୀବ୍ରତର କରିବା ନେଇ ସବିଶେଷ ଆଲୋଚନା ହୋଇଯାଇଛି । ଜୀବନ ସୁରକ୍ଷା ଦିଗରେ ସମ୍ପୂର୍ଣ୍ଣ ଟୀକାକରଣ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ ଅବଗତ କରାଇଥିଲେ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରେ ବିଗତ ଚତୁର୍ଥ ସର୍ଭେ ରିପୋର୍ଟରେ ୫୪.୦୨ପ୍ରତିଶତ ଗଞ୍ଜାମ ଜିଲ୍ଲା ଥିବା ବେଳେ ପଂଚମ ସର୍ଭେ ରିପୋର୍ଟରେ ତାହା ୩୪.୦୩ ପ୍ରତିଶତ ବୃଦ୍ଧି ହୋଇ ୮୮.୦୫ ପ୍ରତିଶତରେ ପହଂଚିଛି । ଯାହାକି ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ପରିବାରଙ୍କ ସ୍ୱାସ୍ଥ୍ୟ ଯତ୍ନ ଶୁଭଙ୍କର । ଜନ୍ମିତ ଶିଶୁ ଠାରୁ ଆରମ୍ଭ କରି ଦୁଇ ବର୍ଷର ଶିଶୁ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ସମସ୍ତ ଟୀକାକରଣ ଅପରିହାର୍ଯ୍ୟ । ଜିଲ୍ଲାର କେହି ଜଣେ ବି ଶିଶୁ ଟୀକାକରଣରୁ ବଂଚିତ ହେବେନାହିଁ । ସେଥିପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି । ଆଗାମୀ ମାର୍ଚ୍ଚ ମାସରେ ୭ ଦିନ,ଏପ୍ରିଲ୍ ମାସରେ ୭ ଦିନ ଏବଂ ମେ’ ମାସରେ ୭ଦିନ ଧରି ଏହି କାର୍ଯ୍ୟକ୍ରମ ତିନି ମାସ ପର୍ଯ୍ୟନ୍ତ ଚାଲୁରହିବ ।

ଜନ୍ମିତ ଶିଶୁ ଠାରୁ ୨୩ ମାସର ଶିଶୁ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ସମସ୍ତ ପ୍ରକାର ଟୀକା ପ୍ରଦାନ ହେବ । ନିହାତି ଭାବେ ୯୦ ପ୍ରତିଶତ ସମ୍ପୂର୍ଣ୍ଣ ଟିକାକରଣ ହେବ । ଏଥିସକାଶେ ପ୍ରଶିକ୍ଷଣ, ପ୍ରଚାର ପ୍ରସାର, ପ୍ରତ୍ୟେକ ସଂଧ୍ୟାରେ ବୈଠକ, କିଭଳି ସମସ୍ତଙ୍କ ସଂପୃକ୍ତି ନେଇ ସବିଶେଷ ଆଲୋଚନା ହୋଇଯାଇଛି । ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଜିଲ୍ଲା ଯୋଜନା ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ମା ଓ ଶିଶୁ ସୁରକ୍ଷା କାର୍ଯ୍ୟ କ୍ରମର ଜିଲ୍ଲା ଶିଶୁ ଉପ-ପରିଚାଳକ ଶକ୍ତି କୁମାର ଦିଗାଲ ଯୋଜନା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ତଥ୍ୟ ଉପସ୍ଥାପନା କରିଥିଲେ । ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମ୍ପୃକ୍ତ ଅଧିକାରୀଗଣ ଏବଂ ଜିଲ୍ଲା ଟାସ୍କଫୋର୍ସର ସମସ୍ତ ସଭ୍ୟା ଓ ସଭ୍ୟଗଣ ଉପସ୍ଥିତ ଥିଲେ ।

# ନିର୍ବାଚନୀ ହିଂସା ଘଟଣାରେ ବନ୍ଧାହେଲେ ୩ ଅଭିଯୁକ୍ତ

ଧର୍ମଶାଳା,୨୦/୨ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନ ମଣ୍ଡଳୀ ଅରାବଳ ପଂଚାୟତରେ ବୁଥ୍ ର୍‌ୟାଗିଂ ହେବା ସହ ସୁରକ୍ଷା କର୍ମୀମାନଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିଲେ । ତେବେ ଏହି ଘଟଣାରେ ଧର୍ମଶାଳା ପୁଲିସ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ଅରାବଳ ଅଂଚଳର ନିଶାକର ମଲିକଙ୍କ ପୁଅ ଯୁବଗଲ(୪୮), ଯୁଗଳ ମଲିକଙ୍କ ପୁଅ ଚିନ୍ମୟ(୨୧) ଓ ନିଶାକର ମଲିକଙ୍କ ପୁଅ ରମେଶ(୫୫) ବୋଲି ଜଣାପଡିଛି । ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଅବକାରୀ ବିଭାଗର ଚଢାଉ

ଘସିପୁରା ,୨୦/୨ (ନି.ପ୍ର): ଆନନ୍ଦପୁର ଅବକାରୀ ବିଭାଗର ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ୨୦ଲିଟର ମହୁଲି ମଦ ଜବତ କରିବା ସହିତ ସହିତ ୨ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସୁଚନାରୁ ଜଣାଯାଏ ଆନନ୍ଦପୁର ଥାନା ଅନ୍ତର୍ଗତ କଂଟୀପାଳ , ବିରିଡ଼ିହା ,ସୁଜନାପାଳ, କାଠକଟା, ଶଳବାଣୀ ଶାଳବଣି ଗ୍ରାମରେ ଚୋରା ମହୁଲି ମଦ କାରବାର କରୁଥିବା ବେଳେ ଖବର ପାଇ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ଚଢାଉ କରିଥିଲା ।

# ଜିଲ୍ଲାପରିଷଦ ସହିତ ବ୍ଲକରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ: ନରସିଂହ

ବଲାଙ୍ଗିର ,୨୦/୨ (ନି.ପ୍ର): ଲୋକେ ସରକାରୀ ଦଳ ନେତାମାନଙ୍କୁ ବାରମ୍ବାର ନିଜର ବହୁ ମୁଲ୍ୟ ଭୋଟ ଦେଇଛନ୍ତି । ପାଂଚ ବର୍ଷ ପୁର୍ବରୁ ଲୋକେ ଜିଲ୍ଲା ପରିଷଦରେ ବିଜେଡିକୁ ଭୋଟ ଦେଇଥିଲେ । ଏବେ ଦେଓଗାଁ ବ୍ଲକ ମଧ ସେମାନଙ୍କ ହାତରେ । କିନ୍ତୁ ଅଂଚଳର ଛାତ୍ର, ଯୁବକ, କୃଷକ, ଶ୍ରମିକ ତଥା ମହିଳାମାନଙ୍କ ପରିସ୍ଥିତିରେ କୌଣସି ପ୍ରକାର ଉନ୍ନତି ହୋଇନାହିଁ । ଓଲୋଟା ସରକାରୀ ଦଳର ଦୁର୍ନିତି ଓ ପ୍ରିୟାପ୍ରିତି ତୋଷଣ ଯୋଗୁଁ ଗରିବ ଲୋକ କଣ ସାଧାରଣ ଜନତା ମଧ ବହୁତ ହନ୍ତସନ୍ତ ହେଉଛନ୍ତି । ମୋର ବିଶ୍ୱାସ ଦେଓଗାଁବାସୀ ନୀରବ ନରହି ଏଥର ଏହାର ଉଚିତ ଜବାବ ଦେବେ । ଦେଓଗାଁର ସର୍ବାଙ୍ଗିନ ଉନ୍ନତି ପାଇଁ ଜନତାଙ୍କୁ ଏଠାରେ ଜିଲ୍ଲା ପରିଷଦ ସହିତ ବ୍ଲକରେ ମଧ ପରିବତର୍ତ୍ତନ ଆଣିବାକୁ ହେବ । ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଂଚଳବାସୀ ଂଗ୍ରେସର ଜିଲ୍ଲା ପରିଷଦ ପ୍ରାର୍ଥିନୀ ମୁକ୍ତାଦେଇ ତାଣ୍ଡିଙ୍କୁ ହାତ ଚିହ୍ନରେ ବହୁ ମାତ୍ରାରେ ଭୋଟ ଦେଇ ବିଜୟୀ କରନ୍ତୁ ବୋଲି ଆଜି ଦେଓଗାଁ ବ୍ଲକରେ ନିର୍ବାଚନୀ ପ୍ରଚାର ସମୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜନତାଙ୍କୁ ଆହ୍ୱାନ କରିଛନ୍ତି । ଆଜି ୧୩ନଂ ଜୋନର ରତନପୁର, ଅର୍ଡା, ଗାଇବାହାଲ, ଦେଓଗାଁ, ଜରାସିଂହା, ଚନ୍ଦ୍ରପୁର, ଜମାଦାରପାଲି, ବରକାନୀ, କୁଲିଆବାହାଲ, ଡୁଙ୍ଗୁରିପାଲି ଓ ସାଲେପାଲି ଗାଁରେ ମୁକ୍ତାଦେଇଙ୍କ ପାଇଁ ଏକ ମାରାଥନ ନିର୍ବାଚନ ପ୍ରଚାର ସମୟରେ ବିଧାୟକ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଦିର୍ଘ ଦିନର ନିଷ୍କ୍ରିୟତା ଓ ଅପାରଗତାରୁ ବିରକ୍ତ ହୋଇ ଗତ ୨୦୧୪ ମସିହାରେ ବଲାଙ୍ଗିରବାସୀ ଏକ ରାଜନୈତିକ ପରିବର୍ତନ ଅଣିଥିଲେ । ତାପରେ ବଲାଙ୍ଗିରର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପନୀୟ ଜଳ ତଥା କ୍ରୀଡା ଭିତିଭୂମୀ ରେ ଅନେକ ବିକାଶ ହୋଇଥିବା ଲୋକେ ଠିକ ଭାବେ ଅନୁଭବ କରିଥିବେ । ଠିକ ସେହିପରି ଏଅଂଚଳରେ ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଏଠାରେ ମଧ ଏକ ବଡ ରାଜନୈତିକ ପରିବର୍ତର୍ନ ଅବଶ୍ୟକ । ତେଣୁ ଏଥର ଦେଓଗାଁବାସୀ କଂଗ୍ରେସ ଦଳର ହାତ ଚିହ୍ନରେ ଭୋଟ ଦେଇ ବ୍ଲକର ନେତୃତ୍ୱରେ ପରିବର୍ତନ ଆଣନ୍ତୁ । ଦେଖିବେ ଅଂଚଳ ନିଶ୍ଚୟ ବିକଶିତ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଆଜିର ଏହି ମାରାଥନ ନିର୍ବାଚନୀ ପ୍ରଚାର ସମୟରେ ରାଜ୍ୟ କଂଗ୍ରେସ ଉପ ସଭାପତି ଯଜ୍ଞେଶ୍ୱର ବାବୁ, କାର୍ଯ୍ୟକାରିଣୀ ସଦସ୍ୟ ଉମାକାନ୍ତ ପଣ୍ଡା, ଜମିଦାର ଦୁର୍ଗା ସିଂଦେଓ, ପପ୍ପୁ ପାତ୍ର, ଅସିତ ମିଶ୍ର, ଅନ୍ତ ବେହେରା, ପବିତ୍ର ବେହେରା, ଅଙ୍କିତ ସାହୁ, ଲୁନା ସାହୁ ଓ କାଳସାଏ କର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ଧର୍ମଶାଳା,୨୦/୨ (ନି.ପ୍ର): ରକ୍ତ ଦାନ ମହତ ଦାନ । ଏହି କ୍ରମରେ ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ କଂଟିଗଡିଆ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜ ମୋ ପରିବାର ଚଣ୍ଡିଖୋଲ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲାର ପୂର୍ବତନ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ଶତପଥୀ, ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାକର ସାହୁ ଓ କଂଟିଗଡିଆ ସରପଂଚ ଉତମ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଓଡିଶା ବ୍ଲଡ ବ୍ୟାଙ୍କ ଭଦ୍ରକ ଶାଖା ପକ୍ଷରୁ ଅଭିଜ୍ଞ ଡାକ୍ତର ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମାଜ ମୋ ପରିବାରର ସଭାପତି ଗୋପୀନାଥ ରାଉତ, ଅନୀଲ ରାଉତ, ଜ୍ୟୋତିରଂଜନ ସାହୁ, ପ୍ରକାଶ ମହାପାତ୍ର, ମନୋଜ ରାଉତ, ରତିକାନ୍ତ ବଳ, ରତିକାନ୍ତ ମହାନ୍ତି, ଯିତେନ୍ଦ୍ର ରଣା, ପ୍ରତାପ ସାମଲ, ସୁଶାନ୍ତ ମହାପାତ୍ର, ପାପାଶ୍ରୀ ବିଶ୍ୱାଳ ଓ ରାଖାଲ ମହାନ୍ତି ସହଯୋଗ କରିଥିଲେ ।

# ବର୍ଷ ଧରି ଜଣେ ଅଫିସର ସମ୍ଭାଳୁଛନ୍ତି ୪ ଅଫିସ: ଅବହେଳିତ ହୋଇ ପଡିଛି ରାଉରକେଲା ଆରଡିଏ ଅଫିସ

ରାଉରକେଲା,୨୦/୨ (ନି.ପ୍ର): ରାଉରକେଲା ସହରରେ ଦୀର୍ଘ ବର୍ଷ ଧରି ଜଣେ ଆଇଏଏସ୍ ଅଫିସରଙ୍କୁ ୪ଟି ଅଫିସ ଦାୟିତ୍ୱରେ ରଖାଯାଉଥିବାରୁ ରାଉରକେଲା ଡେଭେଲୋପମେଂଟ ଅଥରିଟି ଏକ ପ୍ରକାର ଅଚଳାବସ୍ଥାରେ ପହଂଚିଥିବା ବେଳେ ରାଉରକେଲା ଏଡିଏମ କିଏ ତାଙ୍କୁ ଲୋକେ ଜାଣି ପାରୁନାହାନ୍ତି । ଏଭଳି ପରିସ୍ଥିତି ଲାଗି ସହରବାସୀ ନାନା ସମସ୍ୟାରେ ପଡି ରହୁଥିବା ବେଳେ ସହରକୁ ଏକ ପ୍ରକାର ସରକାର ଅବହେଳା କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ଚାଲିଛି । ରାଉରକେଲା ଡେଭେଲୋପମେଂଟ ଅଥରିଟି (ଆରଡିଏ) ଅତୀତରେ ଆରଆଇଟିରୁ ଜନ୍ମ ନେଇଥିଲା ସେ ସମୟରେ ସହର ବାସୀଙ୍କ ପାଇଁ ଅନେକ ବାସଗୃହ ଓ ପ୍ଲଟର ବ୍ୟବସ୍ଥା କରିବା ସହ ଅନେକ ଦୋକାନ ଗୃହ ମଧ ବର୍ଷନିର୍ମାଣ କରିଥିଲା । ଯାହାକି ଆଜି ପର୍ଯ୍ୟନ୍ତ ଲୋକେ ବ୍ୟବହାର କରୁଛନ୍ତି । ଏହା ପରଠାରୁ ଆରଡିଏ ଧୀରେ ଧୀରେ ଧୀମା ଅବସ୍ଥାରେ ପହଂଚିଥିବା ବେଳେ ସହରରେ ଆଉ ନୂତନ ବାସଗୃହ, ପ୍ଲଟ୍ ଓ ଦୋକାନ ଘର ଆବଶ୍ୟକତା ଥିଲେ ମଧ ତାହା କରାଯାଇପାରୁ ନାହିଁ । ସହରରେ ଅନେକ ମୂଲ୍ୟବାନ ସରକାରୀ ଜମି ସ୍କୁଲ, ସାମାଜିକ ସଂଗଠନ, ଦାଦାଗିରି, ବେନାମୀ ବସ୍ତି ନାମରେ ଜବରଦଖଲ ହୋଇ କୋର୍ଟରେ କେସ୍ ଚାଲୁଥିବା ବେଳେ ଖୋଦ ଟଙ୍କା ଦେଇ ଏସବୁ ପାଇବାକୁ ଚାହୁଁଥିବା ଲୋକଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ଏଥିପାଇଁ ମୁଖ୍ୟତଃ ଜଣେ ଅଫିସର ୪ଟି ଅଫିସ ସମ୍ଭାଳିବା ମୁଖ୍ୟ ଦାୟି ବୋଲି କୁହାଯାଉଛି ।

୨୦୦୪ରେ ଦୋଳମଣି କାଣ୍ଡେ ଏହି ଆରଡିଏର ସଚିବ ଥିବା ବେଳେ ତାଙ୍କର ବଦଳି ହୋଇଥିଲା । ତାପରେ ଭି.କେ. ପାଣ୍ଡିଆନ ବର୍ତମାନର ୫-ଟି ସଚିବ ରାଉରକେଲା ଏଡିଏମ୍ ପଦ ସହ ଆରଡିଏର ସଚିବ ଦାୟିତ୍ୱ ତୁଲାଇଲେ । ସେହିଦିନ ଠାରୁ ଯିଏ ଏଡିଏମ ଆସିଲେ ସିଏ ଏହାର ସଚିବ ହୋଇ ରହିଗଲେ । ୨ଟି ଅଫିସ ସମ୍ଭାଳିବା ଭିତରେ ମଧ ଆରଡିଏ ତରଫରୁ କୌଣସି ବାସଗୃହ ପ୍ରକଳ୍ପ ଆସିଲା ନାହିଁ । ତାପରେ ରାଉରକେଲା ମହାନଗର ନିଗମ ସ୍ମାର୍ଟସିଟି ମଧ ଏଡିଏମ ପଦ ସହ ଯୋଡି ହୋଇଗଲା । ଆରଏମସିରେ ବର୍ଷକୁ ହଜାର ହଜାର କୋଟି ଟଙ୍କାର କାମ ରହୁଥିବା ବେଳେ ସ୍ମାର୍ଟସିଟି ମଧ ସହରକୁ ସୁନ୍ଦର କରିବା ନିମନ୍ତେ ବହୁ କୋଟିର ପ୍ରକଳ୍ପ ନେଇ କାମ କରୁଛି । ଜଣେ ଅଫିସର ଆରଏମସି, ଆରଡିଏ, ଏଡିଏମ ଓ ସ୍ମାର୍ଟସିଟି ଦାୟିତ୍ୱରେ ରହୁଥିବାରୁ ତାଙ୍କର ଅଧିକ ସମୟ ବିତୁଛି ଆରଏମସି ଓ ସ୍ମାର୍ଟସିଟିରେ । ଏଡିଏମ ଅଫିସ ଚେୟାର ପ୍ରାୟ ଖାଲି ରହୁଛି । ଲୋକେ ଏହି ଅଫିସକୁ ଆସି ଦାୟିତ୍ୱରେ ଥିବା ଏଡିଏମଙ୍କୁ ଖୋଜି ପାଉନାହାନ୍ତି । ଫଳରେ ଆସିଷ୍ଟାଂଟ କଲେକ୍ଟରଙ୍କ ପାଖକୁ ଯାଇ ଅଶାନ୍ତି ହୋଇ ଫେରୁଛନ୍ତି । ସେ ମଧ ନିକଟରେ ଭିଜିଲାନ୍ସ ଜାଲରେ ପଡି ଜେଲରେ ଅଛନ୍ତି । ତେଣୁ ଏଡିଏମ ଅଫିସ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସ ଏବେ କେବଳ ନାମକୁ ମାତ୍ର ରହିଛି ବୋଲି କୁହାଯାଉଛି । ସେହିଭଳି ଆରଡିଏରେ ନିୟମିତ ଭାବେ ଜଣେ ସଚିବ ନଥିବାରୁ ଲୋକଙ୍କୁ ନୂଆ ପ୍ରକଳ୍ପ ମାଧମରେ ବାସଗୃହ ଆଦି ଯୋଗାଇଦେବା ନେଇ କେହି ଚିନ୍ତା କରୁନାହାନ୍ତି ।

# କାଗଜ କଳର ନୂଆ ମ୍ୟାନେଜମେଂଟର ମନୋମୁଖୀ ଶାସନ ଓ କାର୍ଯ୍ୟକଳାପ ବିରୁଦ୍ଧରେ ସଂଘ ଓ ଶ୍ରମିକ କର୍ମଚାରୀମାନଙ୍କ ପ୍ରତିବାଦ

ଜୟପୁର,୨୦/୨ (ନି.ପ୍ର): ଜୟପୁର ସେବା କାଗଜ କଳ ନୂଆ କମ୍ପାନୀ ମଦର୍ ଆର୍ଥ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଦ୍ୱାରା ଅଧିଗ୍ରହଣ ପରେ ମ୍ୟାନେଜମେଂଟ ଅତି ଚଂଚକତା ର ସହ କର୍ମଚାରୀ ମାନଙ୍କୁ କୋଭିଡ୍ ୧୯ ମହାମାରୀ ବାହାନା ରେ ବାହାରେ ରଖିଲା । ଅନେକ ଦାବି ଓ ଶେଷରେ ବିଧାୟକ ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି ଙ୍କ ହସ୍ତକ୍ଷେପ ପରେ ନଭେମ୍ବର-୨୫ ତାରିଖ ରୁ ସମସ୍ତ ଙ୍କୁ ଡ୍ୟୁଟି ରେ ନେଲା । ଶ୍ରମିକ ମାନଙ୍କୁ କିଛି ଆଡଭାନ୍ସ ଦିଆ ଯାଉଛି । କାମ ଧିରେ ଧିରେ ଚାଲୁଛି । ଡିସେମ୍ବର ମାସ ରୁ ଉତ୍ପାଦନ ଆରମ୍ଭ ହେବ ବୋଲି କହି ଆଜି ପର୍ଯ୍ୟନ୍ତ ହୋଇନାହିଁ । ଓଭରଟାଇମ୍ କାମ କଲେ ଆଇନ ବିରୁଦ୍ଧରେ ଯାଇ ସିଙ୍ଗଲ୍ ଦରମା ଦେବାକୁ କହିବାରୁ ଅଶାନ୍ତି ଆରମ୍ଭ ହୋଇଛି । ବର୍ତ୍ତମାନ ନୂଆ ମ୍ୟାନେଜମେଂଟ କହୁଛି ପୁରୁଣା ଦରମା ହାରରେ ଦରମା ଦିଆଯିବ ନାହିଁ । ନୂଆ ଦରମା ଠିକ୍ କରାଯିବ । ଏହାକୁ କର୍ମଚାରୀ ଓ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି ଓ ଏକ ଚରମ ପତ୍ର ଜରିଆରେ କୁହାଯାଇଛି ଯେ କମ୍ପାନୀ କୁ ଆଗରୁ ବାରମ୍ବାର କୁହାଗଲା ଶ୍ରମିକ କର୍ମଚାରୀ ମାନଙ୍କ ସମସ୍ୟା ବୁଝି ସମାଧାନ କରିବାପାଇଁ କିନ୍ତୁ ମ୍ୟାନେଜମେଂଟ କିଛି କଲା ନାହିଁ । ଏପରିକି ଅକ୍ଟୋବର ୨୦୨୧ ରେ ମୁଖ୍ୟ ଶାସନ ସଚିବ ମ୍ୟାନେଜମେଂଟ କୁ କହିଥିଲେ କର୍ମଚାରୀ ମାନଙ୍କ ସମସ୍ତ ଦାୟିତ୍ୱ ନୂଆ କମ୍ପାନୀ ବହନ କରିବାକୁ ହେବ । ଚାରୋଟି ଯାକ ୟୁନିଅନର ମିଳିତ କାର୍ଯ୍ୟ କାରୀ କମିଟି ସ୍ୱଷ୍ଟ ଭାବରେ ମ୍ୟାନେଜମେଂଟ କୁ କହିଛନ୍ତି ଯେ ୨୦୧୫ ଦୀର୍ଘସୁତ୍ରୀ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ଦରମା ହାର ଏବଂ ଭିଡିଏ ସବୁ ଯୋଡ଼ି ନଦେଲେ ଶ୍ରମିକ କର୍ମଚାରୀ ଓ ସଂଘ ମାନେ ମାନିବେ ନାହିଁ । ମ୍ୟାନେଜମେଂଟ ର ମନୋମୁଖୀ ଶାସନ ଓ କାର୍ଯ୍ୟକଳାପ ଏବଂ ଧମକ ଚମକ ର କୌଣସି ପ୍ରଭାବ ପଡ଼ିବ ନାହିଁ । ସଂଘ ଓ ଶ୍ରମିକ କର୍ମଚାରୀ ମାନେ ଚାହୁଁଛନ୍ତି କାରଖାନା ଚାଲୁ ଏବଂ ସେମାନଙ୍କ ର ସ୍ୱର୍ଥ ରକ୍ଷା ହେଉ । ଶୃଂଖଳାର ସହ କାମକରିବାର ସମସ୍ତ ସର୍ତ୍ତ ମାନିବା ପାଇଁ ସବୁ ଶ୍ରମିକ କର୍ମଚାରୀ ଓ ସଂଘ ରାଜି ଅଛନ୍ତି , କିନ୍ତୁ କୌଣସି ପ୍ରକାରେ ସ୍ୱର୍ଥ ସହ ସାଲିସ୍ କରାଯିବ ନାହିଁ ।

# ଏକତାଳିରେ ଦେବଶ୍ରୀ ଦାସ ଓ ଝିଲ୍ଲୀପ୍ରଭା ବେହେରାଙ୍କ ଜୋରଦାର ପ୍ରଚାର

ଭୁବନ,୨୦/୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତଏକତାଳି ପଂଚାୟତରେ ଚଳିତ ଥର ସରପଂଚ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷଣ ରହିଛି । ଝିଲ୍ଲୀପ୍ରଭା ବେହେରା(ଖୋଲାବହି), ଦେବଶ୍ରୀ ଦାସ(ମାଛ) ଓ ରେଖାରାଣୀ ସାମଲ(ସୂର୍ଯ୍ୟ) ଚିହ୍ନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଶାସକ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ହୋଇଥିବାରୁ ଦେବଶ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଜନକଲ୍ୟାଣକାରୀ ଯୋଜନାକୁ ଆୟୁଦ୍ଧ କରି ଲୋକଙ୍କୁ ଭେଟି ଆଶୀର୍ବାଦ ଲୋଡୁଛନ୍ତି । ମହିଳାମାନଙ୍କୁ ସାଥିରେ ଧରି ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ଓ ମିଶନ ଶକ୍ତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ଏକ ଆଦର୍ଶ ପଂଚାୟତ ଗଢ଼ିବା ଓ ପଂଚାୟତର ବିକାଶ ପାଇଁ ତାଙ୍କୁ ଭୋଟ ଦେବାକୁ ଦେବଶ୍ରୀ ନିବେଦନ କରୁଛନ୍ତି । ଅନୁରୂପ ଭାବେ ଖୋଲାବହି ଚିହ୍ନରେ ପ୍ରତିଦ୍ୱନ୍ଦିତା କରୁଥିବା ଝିଲ୍ଲୀପ୍ରଭା ବେହେରା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇ ଘରକୁଘର ବୁଲି ଲୋକଙ୍କୁ ଭେଟିବା ସହ ଏକ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ପଂଚାୟତ ଗଠନ ପାଇଁ ତାଙ୍କୁ ଭୋଟ୍ ଦେବାକୁ ନିବେଦନ କରୁଛନ୍ତି । ଦେବଶ୍ରୀଙ୍କ ସ୍ୱାମୀ ମାନସ ଦାସ ଓ ଝିଲ୍ଲୀପ୍ରଭାଙ୍କ ସ୍ୱାମୀ ନନ୍ଦକିଶୋର ଉଭୟ ସମାଜସେବୀ ଭାବେ ପରିଚିତ । ଉଭୟଙ୍କର ପଂଚାୟତରେ ନାଁ ଓ ଖାତିର ରହିଛି । ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେଉଥିବାବେଳେ ଉଭୟ ପ୍ରାର୍ଥିନୀ ଜିତିବା ପାଇଁ ଆଶାବାଦୀ ଅଛନ୍ତି ।

## ଦେହକୁ ହିତ ସପୁରି ରସ

**ସପୁରିର ରୂପ ଓ ଆକାର ଅନ୍ୟ ଫଳଠାରୁ ଭିନ୍ନ । ଏହାର ସ୍ୱାଦ ସାଧାରଣତଃ ଖଟା ମିଶା ମିଠା । ଅଧିକାଂଶ ଲୋକ ଏହାକୁ ଖାଆନ୍ତି ନାହିଁ । ଆଖିକୁ ଅଜବ ଦେଖାଯାଉଥିବା ଏହି ଫଳ ଅତ୍ୟନ୍ତ ଗୁଣକାରୀ । ପୋଷକ ତତ୍ତ୍ୱରେ ଭରପୂର ଏହାର ରସ ଯେତିକି ସ୍ୱାସ୍ଥ୍ୟବର୍ଦ୍ଧକ, ସେତିକି ଶକ୍ତିବର୍ଦ୍ଧକ । ଏହାର ଫାଇଦା ଜାଣିଲେ ନଖାଉଥିବା ଲୋକ ବି ଏହାକୁ ଖାଇବେ ।**

### ଗୁଣ ଓ ଫାଇଦା

୧. ଏଥିରେ ଥିବା 'ବ୍ରେମେଲେନ' ନାମକ ଏଞ୍ଜାଇମ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ତା' ସହିତ ଏହା ସ୍ତନ୍ୟ କର୍କଟ ଆଶଙ୍କାକୁ ହ୍ରାସ କରେ, ତେଣୁ ମହିଳାମାନଙ୍କ ପାଇଁ ସପୁରି ରସ ଅତ୍ୟନ୍ତ ଉପଯୋଗୀ ।

୨. ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶରୀର ଆବଶ୍ୟକ କରୁଥିବା ଖଣିଜ ଗୁଡିକ ମଧ୍ୟରୁ କ୍ୟାଲ୍‌ସିୟମ, ପୋଟାସିୟମ ଓ ଫସ୍‌ଫରସ୍ ପ୍ରଭୃତି ଏଥିରେ ରହିଛି । ଏହାର ନିୟମିତ ସେବନ ଦେହ ପାଇଁ ହିତକର । ସପୁରି ରସ ମୂତ୍ରମାର୍ଗ ସଂକ୍ରମଣ ଆଶଙ୍କା ମଧ୍ୟ ଦୂର କରେ ।

୩. ଗଣ୍ଠିବାତ ଭୋଗୁଥିବା ବ୍ୟକ୍ତି ନିୟମିତ ସପୁରି ରସ ପିଇବା ଉଚିତ ।

୪. ଗର୍ଭବତୀଙ୍କ ପାଇଁ ଏହା 'ଟନିକ୍'ର କାମ କରେ । ଗର୍ଭାବସ୍ଥାରେ ମହିଳାମାନଙ୍କ ସ୍ୱାଭାବିକ ଭୋଜନଠାରୁ କିଛି ଅଧିକ ଆବଶ୍ୟକ ହୁଏ । ସେଥିରୁ ଅଧିକାଂଶ ପୂରଣ କରେ ସପୁରି ରସ ।

୫. ଏହା ପାଚନ ତନ୍ତ୍ରକୁ ମଜଭୁତ କରେ ଏବଂ ଖାଦ୍ୟ ହଜମ କରିବାରେ ସହାୟକ ହୁଏ ।

୬. ସପୁରି ରସ ହାଡ ମଜଭୁତ କରେ ।



୭. ଏହାର ଆଣ୍ଟି-ଇନ୍‌ଫ୍ଲେମେଟରି ଗୁଣ ବ୍ରୋଙ୍କାଇଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ।

୮. ଦାନ୍ତ ଓ ମାଢି ସୁସ୍ଥ ରଖେ ।

୯. ତ୍ୱଚା ଉପରେ ବୟସର ପ୍ରଭାବ ହ୍ରାସକରେ ।

୧୦. ସପୁରି ରସ କୋଲେଷ୍ଟେରଲ ସ୍ତର ନିୟନ୍ତ୍ରଣ କରିବାରେ ସହାୟକ ହୁଏ ।

## ଇନ୍ଦୋର ମିଠାର ବିଦେଶୀ ଗ୍ରାହକ



ଆଜିର ସମୟରେ ଇନ୍ଦୋର ସହର, ଖାଦ୍ୟପ୍ରେମୀଙ୍କ ନିକଟରେ ଏକ ପରିଚିତ ନାମ । ଏଠାକାର ଲୁଣି ଖାଦ୍ୟ ପୂରା ଭାରତରେ ଚର୍ଚ୍ଚିତ । ତେବେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମତରେ ୮୦ ଦଶକ ପୂର୍ବରୁ ଏଇ ସହର ବିଭିନ୍ନ ପ୍ରକାର ସୁଆଦିଆ ମିଠା ନିମନ୍ତେ ଜଣାଯାଉଥିଲା । ପରବର୍ତ୍ତୀ ସମୟରେ ଉଭୟ ମିଠା ଓ ଲୁଣି ବ୍ୟଞ୍ଜନ ନିମନ୍ତେ ଇନ୍ଦୋର ନିଜ ନାମକୁ ପରିଚିତ କରାଇଲା । ଏବେ ଇନ୍ଦୋରକୁ ବିଦେଶୀ ଗ୍ରାହକଙ୍କ ସଂଖ୍ୟା ବଢ଼ିବାର ଅନ୍ୟତମ ମୁଖ୍ୟ କାରଣ ହେଲା ସେଠାରେ ସୁଆଦିଆ ମିଠା ବ୍ୟଞ୍ଜନମାନ । ପର୍ଯ୍ୟଟକ ଇନ୍ଦୋର ପହଞ୍ଚି ଭ୍ରମଣ କରିବାର ଯୋଜନା କରିବା ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳର ପୁରୁଣା ଦୋକାନରୁ ବିଭିନ୍ନ ପ୍ରକାର ମିଠା ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଇଣ୍ଟରନେଟ୍‌ରେ ଗୁଗୁଲ ସର୍ଚ୍ଚ ଓ ମ୍ୟାପ୍ ମଧ୍ୟ କିଛି ସମୟର ପର୍ଯ୍ୟଟକଙ୍କୁ ଠିକଣା ଦୋକାନ ପାଖରେ ପହଞ୍ଚାଇ ଦେଉଛି । ବାଦାମ ତେଲରେ ପ୍ରସ୍ତୁତ ହେଉଥିବା ଦାଲମୋଠ, ଶାହିମୋଠ, ଡ୍ରାଏଫ୍ରୁଟ୍ ମିକ୍ସଚର୍ ସେଠାରେ ସବୁଠୁ ଅଧିକ ବିକ୍ରି ହୋଇଥାଏ । ଏହି ଅଞ୍ଚଳର କେତୋଟି ଦୋକାନ ସ୍ୱାଧୀନତା ପୂର୍ବରୁ ରହିଛି । ଇନ୍ଦୋରରେ ଥିବା 'ପୁରାନି ମିଠାଇ' ଦୋକାନର ବ୍ୟବସାୟ ଏବେ ଆମେରିକା ଓ ଇଉରୋପର କେତେକ ରାଷ୍ଟ୍ରକୁ ହେଉଛି । ବଲିଉଡ୍ କଳାକାର ସଲମାନ୍ ଖାନ୍, ଶାହାରୁଖ୍ ଖାନ୍ ସେମାନଙ୍କ ଘରେ ପାର୍ଟି ଆୟୋଜିତ କଲେ, ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଇନ୍ଦୋରରୁ ହିଁ ମିଠା ଆଣୁଥିବାର ସ୍ଥାନୀୟ 'ପୁରାନି ମିଠାଇ'ର ମାଲିକ ପ୍ରକାଶ କରିଛନ୍ତି ।

## ୧୦୦ ଭାଷା କହୁଥିବା ରୋବଟ୍



ଇରାନ୍‌ର ତେହରାନ୍ ବିଶ୍ୱବିଦ୍ୟାଳୟ 'ସୁରେନା' ନମକ ରୋବଟ୍ ତିଆରି କରିଛି ଯାହା ୧୦୦ ପ୍ରକାର ଭାଷାକୁ ବୁଝିବା, କହିବା ଓ ଅନୁବାଦ କରିବାକୁ ସକ୍ଷମ । କେବଳ ଏତିକି ନୁହେଁ, ରୋବଟ୍ ଚେହେରା ଚିହ୍ନିପାରିବା ସହ ଫୁଟ୍‌ବଲ୍‌କୁ ଗୋଇଠା ମାରିପାରୁଛି । ଚାରିବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବଟ୍ ତିଆରିରେ ସଫଳତା ହାସଲ କରିଛନ୍ତି । ସୁରେନା ଜିନିଷ ଉଠାଇବା ତଥା ଲୋକଙ୍କ ସହି ହାତ ମିଶାଇ ଅଭିବାଦନ ଜଣାଇପାରିବ । ରୋବଟ୍‌ର ଲମ୍ବ ୧୭୦ ସେଣ୍ଟିମିଟର ଓ ଓଜନ ୭୦ କିଲୋଗ୍ରାମ୍ । ପ୍ରତି ଘଣ୍ଟାରେ ସୁରେନା ୦.୭ କିଲୋମିଟର ସ୍ପିଡ୍‌ରେ ଚାଲିବାକୁ ସକ୍ଷମ । ଆବଡଖାବଡା ସ୍ଥାନରେ ଚାଲିବା ସହ ବାମ-ଡାହାଣ ପାର୍ଶ୍ୱକୁ ବି ବୁଲିପାରେ ରୋବଟ୍ ସୁରେନା ।

## ବଡ଼ଦିନ ପାଇଁ କେକ୍ ବଜାର



ପାଶ୍ଚାତ୍ୟ ରାଷ୍ଟ୍ରରେ ବଡ଼ଦିନ ଓ ନୂଆ ବର୍ଷ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ପ୍ରସ୍ତୁତ ଆରମ୍ଭ ହୋଇଯାଇଛି । ଆମେରିକା ଓ ଇଉରୋପର ପ୍ରତ୍ୟେକ ପ୍ରାନ୍ତରେ ବଡଦିନ କେକ୍ ବଜାରରେ ନିଆରା ରୂପ ରାସ୍ତାଘାଟ ଠାରୁ ଆରମ୍ଭ କରି ବଡବଡମଲ୍, ରେସ୍ତୋରାଁ ଓ ହୋଟେଲରେ ଦେଖିବାକୁ ମିଳୁଛି । ସେସବୁ ବିଦେଶୀ ରାଇଜରେ ଡିସେମ୍ବର ୨୫ ଓ ଜାନୁୟାରୀ ୧କୁ ହିଁ ମୁଖ୍ୟ ପର୍ବ ପାଳନ କରାଯାଉଥିବା ବେଳେ ବନ୍ଧୁବାନ୍ଧବ, ସାହିପଡିଶା ପରସ୍ପରକୁ ସୁଆଦିଆ କେକ୍, ପେଷ୍ଟ୍ରି ଭେଟି ଦେଇଥାନ୍ତି । ଏଥିସମୟରେ ସେଠାରେ କେକ୍ ବଜାରରେ କୋଟିକୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳରେ ବିକ୍ରି ସହ ବିଦେଶକୁ ମଧ୍ୟ ଲକ୍ଷାଧିକ ଟଙ୍କା ମୂଲ୍ୟର କେକ୍ ରପ୍ତାନି ହୋଇଥାଏ । ଆମେରିକାର ଏକ ପଞ୍ଚତାରକା ହୋଟେଲର ମୁଖ୍ୟ ରୋଷେୟା କହିଛନ୍ତି ଚଳିତ ବର୍ଷ ସେମାନେ ବିଶେଷ ଡ୍ରାଏଫ୍ରୁଟସ୍‌ର କେକ୍ ତିଆରି କରିଛନ୍ତି । ନୂଆ ବର୍ଷ ତାଙ୍କ ହୋଟେଲ ୨୫ ଲକ୍ଷଟଙ୍କା ବ୍ୟୟରେ ଏକ କେକ୍ ପ୍ରସ୍ତୁତି କରିବା, ଯାହା ଆସନ୍ତା ବର୍ଷ ଖବରର ଚର୍ଚ୍ଚାରେ ରହିବ ବୋଲି ସେଫ୍‌ଙ୍କ ମତ ।

## ନୌକା ଆକାରର କଇଁଛ



ଆପଣମାନେ ବହୁତ ବଡ଼ କଇଁଛ ଦେଖିଥିବେ । ମାତ୍ର କ'ଣ ନୌକା ଆକାରର କଇଁଛ କେବେ ଦେଖିଛନ୍ତି ? ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିବାପରେ, ମାତ୍ର ଏହା ସତ୍ୟ । ଏହିପରି ବିରାଟକାୟ କଇଁଛ ବହୁ ବର୍ଷ ପୂର୍ବରୁ ଦେଖାଯାଉଥିଲେ କିନ୍ତୁ ଏବେ ନାହାନ୍ତି ବୋଲି ବୈଜ୍ଞାନିକମାନେ ଅନୁମାନକରିଥିଲେ । ମାତ୍ର ଏହି ଅନୁମାନଙ୍କୁ ଭୁଲ ବୋଲି ପ୍ରମାଣିତ କରିଛି ଏହି 'ଲେଦରବ୍ୟାକ୍' ଜାତିର କଇଁଛ । ଇଂଲଣ୍ଡର ପାଲ୍ ଅଞ୍ଚଳରେ ଥିବା କର୍ଣ୍ଣୱାଲ ନାମକ ତଟ ନିକଟରୁ ଏହି କଇଁଛ ମୃତ ଅବସ୍ଥାରେ ମିଳିଛି । ଏହାର ବୟସ ପାଖାପାଖି ୧୦୦ ବର୍ଷ ହେବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଏହି ମୃତ କଇଁଛର ବେକ ୩୮ଇଞ୍ଚ ବା ୯୮ ସେଣ୍ଟିମିଟରର ଲମ୍ବ ହେଉଛି ୭ଫୁଟ ୯ଇଞ୍ଚ । ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ର ଜଣେ ସଦସ୍ୟ କହନ୍ତି, ଲେଦରବ୍ୟାକର ଭଳି ଦୁର୍ଲଭ ଜାତିର ପ୍ରାଣୀ ଏବେ ବିଲୁପ୍ତ ପ୍ରାୟ । ଏହି ଜାତିର ପ୍ରାଣୀ ଜର୍ଣ୍ଣିସ୍ ସମୁଦ୍ରରେ ମିଳିବା ଏକ ଆଶ୍ଚର୍ଯ୍ୟର କଥା । ୩୪ ବର୍ଷୀୟ ଜେମ୍ସ ମୁଷ୍ଟା ନିଜ ପରିବାର ଏବଂ ଜଣେ ବନ୍ଧୁ ରିଚାର୍ଡ ପିଅର୍ସଙ୍କ ସହ ବୁଲୁଥିବା ସମୟରେ ଏହି କଇଁଛର ମୃତ ଶରୀର ପ୍ରଥମ ଠାବ କରିଥିଲେ ଏବଂ ପରେ ଡବ୍ଲ୍ୟୁ ଡବ୍ଲ୍ୟୁ ଏଫକୁ ଫୋନ୍ କରି ଏହା ବିଷୟରେ ଜଣାଇଥିଲେ । କଇଁଛମାନଙ୍କ ଜାତିଠାରୁ ଲେଦରବ୍ୟାକ୍ ଜାତିର କଇଁଛ ହେଉଛି ସବୁଠାରୁ ବଡ଼ ଏବଂ ଦୁର୍ଲଭ । ଏମାନେ ପାଖାପାଖି ୮୦ ବର୍ଷପର୍ଯ୍ୟନ୍ତ ବଞ୍ଚିରହିପାରନ୍ତି ।

## ସେଓ ଖାଇ ସୁସ୍ଥ ରହନ୍ତୁ

**ଖାଦ୍ୟ ବିଶେଷଜ୍ଞ ମତରେ ପ୍ରତ୍ୟହ ସବୁଜ ପନିପରିବା ଓ ଫଳମୂଳ ଖାଇଲେ ଏକ ସୁସ୍ଥ ଜୀବନ ଅତିବାହିତ କରିପାରିବେ । ବିଭିନ୍ନ ଫଳମୂଳ ମଧ୍ୟରୁ ସେଓ ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ନିକଟରେ ହୋଇଥିବା ଅନୁଧ୍ୟାନରୁ ଜଣାପଡିଛି, ସେଓ ଖାଇଲେ ଶରୀରରେ କୋଲେଷ୍ଟରଲର ସ୍ତର ନିୟନ୍ତ୍ରିତ ରହେ ।**



♦ସେଓରେ ଥିବା ପୋଷାକତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ରକ୍ତସଞ୍ଚାଳନ ମଧ୍ୟ ଭଲଭାବେ ହୋଇଥାଏ ।

♦ଏହି ଫଳରେ ଥିବା ପିଲିଫିନୋଲ୍ ଓ ହୋଇ-ଫାଇବର୍ କାରଣରୁ ଓଜନ ନିୟନ୍ତ୍ରଣରେ ରହେ । ଦୈନିକ ୨ଟି ସେଓ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

♦କାନାଡାର ଗବେଷକ ଦଳ ୫୦ଜଣ ଲୋକଙ୍କୁ ସାମିଲ କରି ୮ ସପ୍ତାହ ପରେ ସେମାନଙ୍କ କୋଲେଷ୍ଟରଲ ସ୍ତର କମ୍ ଥିବାର ପରୀକ୍ଷାରୁ ଜଣାପଡିଥିଲା ।

♦ସେଓରେ ଥିବା ପେକ୍ଟିନ୍ ତତ୍ତ୍ୱ କାରଣରୁ ଆମ ହଜମ ପ୍ରକ୍ରିୟା ମଧ୍ୟ ଭଲ ହେଉଥିବାର ବିଶେଷଜ୍ଞଙ୍କ ମତ ।

## ପସନ୍ଦ କରିପାରନ୍ତି ତ୍ୱଚା ପାଇଁ: ଉତ୍ତମ ଖୋରାକ

**ନିୟମିତ ଯତ୍ନ ନେଲେ ତ୍ୱଚାର ଚମକ ଆସିବା ସହ ଦାଗ ଓ ଅନ୍ୟ ସମସ୍ୟା ଦେଖାଦେଇ ନଥାଏ । ବିଶେଷଜ୍ଞଙ୍କ ମତରେ ଖାଦ୍ୟପେୟରେ ସାମାନ୍ୟ ପରିବର୍ତ୍ତନ କରିପାରିଲେ ତ୍ୱଚାର ବିଭିନ୍ନ ଅସୁବିଧା ଦୂର ହୋଇଥାଏ ।**



ଡାର୍କ ଚକୋଲେଟ୍: ସପ୍ତାହକୁ ଥରୁଟିଏ କିମ୍ବା ମାସକୁ ୨ଥର ଡାର୍କ ଚକୋଲେଟ୍ ଖାଇଲେ ଉଭୟ ତ୍ୱଚା ଓ କେଶକୁ ପୋଷକ ମିଳେ । ଏଥିରେ ଥିବା ଫ୍ଲାବୋନଏଡ୍ ଓ ଆଣ୍ଟି-ଅକ୍ସିଡାଣ୍ଟ ତ୍ୱଚା ଭାଙ୍ଗକୁ ରକ୍ଷା କରିବା ସହ କେଶ ଝଡା କମ୍ କରାଏ ।

ପାଳଙ୍ଗ ଶାଗ : ପ୍ରତ୍ୟେକ ଯୁବତୀ ଓ ମହିଳାଙ୍କ ନିମନ୍ତେ ଏକ ଖୋରାକ୍ । ନିୟମିତ ଭାବେ ପାଳଙ୍ଗ ଶାଗ ରସ କିମ୍ବା ପାଳଙ୍ଗ ଶାଗ ପ୍ରସ୍ତୁତ ବ୍ୟଞ୍ଜନ ଖାଇବା ତ୍ୱଚା ପାଇଁ ଖୁବ୍ ଉପକାରୀ । ଏଥିରେ ଥିବା ଭିଟାମିନ୍ ବି,ସି,ଇ ଓ ପୋଟାସିୟମ୍ ତ୍ୱଚାରେ ଚମକ ଆଣିବା ସହ ବୟସର ଛାପ କମାଇଥାଏ । ତ୍ୱଚାରୁ ମୃତ କୋଷିକା ବାହାର କରିବା ସହ ଘନ କଳା କେଶ ନିମନ୍ତେ ମଧ୍ୟ ସହାୟକ ହୁଏ ।

ଦହି : ଘୋଳ ଦହି ପିଇବା ସହ ଭୋଜନ ପରେ ଦୁଇ ତିନି ଚାମଚ ଦହି ଖାଇବାର ଅଭ୍ୟାସ ଆରମ୍ଭ କରିବା ଉଚିତ୍ । ଏହା କେଶ ଝଡା କମ୍ କରିବା ସହ ତ୍ୱଚା ଶୁଷ୍କ ହେବାକୁ ଦିଏନାହିଁ ।

ନଡିଆ ପାଣି : ଯେ କୌଣସି ପ୍ୟାକ୍ ରେ ନଡିଆ ପାଣି ମିଶାଇ ତ୍ୱଚାରେ ଲଗାଇ ପାରିବେ । ନଚେତ୍ ଦୈନିକ ୧ କପ୍ ନଡିଆ ପାଣି ମଧ୍ୟ ପିଇପାରିବେ । ଏହା ରଙ୍ଗ ସଫା କରିବା ସହ ତ୍ୱଚାରୁ ଦାଗ ମଧ୍ୟ ଏହି ଉପାୟରେ ଦୂର କରିଥାଏ ।

## ହ୍ୟୁମାନ୍ ଚେୟାର୍



ଗର୍ଭବତୀ ସ୍ତ୍ରୀ ପାଇଁ ସ୍ୱାମୀ ପାଲଟିଛନ୍ତି ହ୍ୟୁମାନ୍ ଚେୟାର୍ । ସର୍ଭିଲାନ୍ସ କ୍ୟାମେରାରେ କଏଦ ହୋଇଥିବା ଏହାର ଭିଡ଼ିଓ ସୋସାଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଚୀନ୍‌ର ଜନୈକା ଗର୍ଭବତୀ ମହିଳା ହସ୍‌ପିଟାଲ୍‌ରେ ଦୀର୍ଘ ସମୟ ଛିଡା ହୋଇ ନ ପାରିବାରୁ ହସ୍‌ପିଟାଲ୍ କରିଡର ହ୍ୟାଣ୍ଡରେଲ୍ସ ସାହାରା ନେବାକୁ ଚେଷ୍ଟା କରୁଥିଲେ, ସେହି ସମୟରେ ସ୍ତ୍ରୀର ଦୟନୀୟ ଅବସ୍ଥା ଦେଖି ନ ପାରି ତାଙ୍କ ସ୍ୱାମୀ ଚଟାଣରେ ବସିପଡି ସ୍ତ୍ରୀକୁ ନିଜ ପିଠି ଉପରେ ବସି ବିଶ୍ରାମ ନେବାକୁ କହିଥିଲେ । ତାଙ୍କ ସ୍ୱାମୀ ତାଙ୍କୁ ଏକ ପାଣିବୋତଲ ଦେଇଥିବା ଭିଡିଓରୁ ଦେଖିବାକୁ ମିଳିଛି । ଏଭଳି ଏକ ହୃଦୟଛୁଆଁ ଭିଡିଓକୁ ପ୍ରଥମେ ଚୀନର ହେଗାଙ୍ଗ୍ ପୋଲିସ୍ ସେୟାର କରିଥିଲେ । ଅନେକ ସୋସାଲ୍ ମିଡିଆ ୟୁଜର୍ ସ୍ୱାମୀର ଏଭଳି କାର୍ଯ୍ୟ ତଥା ସ୍ତ୍ରୀ ପ୍ରତି ଥିବା ତାଙ୍କ ଭଲପାଇବାକୁ ପ୍ରଶଂସା କରିଥିବା ବେଳେ ଗର୍ଭବତୀ ମହିଳାଙ୍କୁ ସାହାର୍ଯ୍ୟ କରି ନଥିବା ଲୋକଙ୍କୁ ତାଚ୍ଛଲ୍ୟ କରୁଛନ୍ତି ।

## ସକାଳବେଳାର ସୁନ୍ଦର ଉପାୟ

**ପ୍ରତି ୧୫ ଜଣରେ ୭ଜଣ ଲୋକଙ୍କ ମତ ଯେ ସକାଳବେଳା ଅଧିକ ସମୟ ଶୋଇବାକୁ ଭଲ ଲାଗେ । ଏଇ ଅଭ୍ୟାସ କିନ୍ତୁ ଆପଣଙ୍କ ପୂରା ଦିନକୁ ମାନ୍ଦାରେ ପରିଣତ କରିଥାଏ । ଏ ବାବଦରେ ଡାକ୍ତର ନାତାଲିୟା ଜୋସ୍‌ଙ୍କ ମତାମତ ଭିନ୍ନ । ଅବସାଦଗ୍ରସ୍ତ ତଥା ମାନସିକ ଅଶାନ୍ତିରେ ସମୟ ଅତିବାହିତ କରୁଥିବା ସଂଖ୍ୟାଧିକ ରୋଗୀ ତାଙ୍କ ପାଖକୁ ଆସିଥାନ୍ତି । ଯେଉଁ ବର୍ଗର ଲୋକ ସକାଳବେଳା ଭଲଭାବେ ଅତିବାହିତ କରନ୍ତି, ସେମାନେ ଖୁବ୍ ଫୁର୍ତ୍ତି ରହିଥିବାରୁ ଅନୁସନ୍ଧାନରୁ ପ୍ରକାଶ ।**



- ସକାଳୁ ଶଯ୍ୟାତ୍ୟାଗ ପରେ କିଛି ସମୟ ଧ୍ୟାନ କରନ୍ତୁ । ଏହା ଆପଣଙ୍କ ମାନସିକ ଚାପକୁ ଅନେକାଂଶରେ କମ୍ କରିବ । ବିଶେଷଜ୍ଞଙ୍କ ମତରେ ସକାଳର ଏଇ ଧ୍ୟାନ ପୂରା ଦିନ ଆପଣଙ୍କୁ ଶକ୍ତି ପ୍ରଦାନ କରିବା ସହ ସକରାତ୍ମକ ଚିନ୍ତାଧାରା ଉତ୍ପନ୍ନ କରାଏ ।
- ଏହା ଏକ ପ୍ରଧାନ ନିୟମ ଯେ ସକାଳୁ ଉଠିବା ପରେ ଏଇ ସମୟକୁ ମୋବାଇଲ୍ ଓ ବ୍ୟାବଲେଟ୍‌ରେ ନ କାଟନ୍ତୁ । ଏସବୁ ଯନ୍ତ୍ରର କୁପ୍ରଭାବ ଖୁବ୍ ଅଧିକ ମାନସିକ ଯନ୍ତ୍ରଣା ବଢାଇଥାଏ ।
- ଶଯ୍ୟାତ୍ୟାଗ ପରେ ଅଧିକାଂଶ ଲୋକ କଫି ପିଇବାକୁ ପସନ୍ଦ କରିନ୍ତି । କେଫିନ୍‌ଯୁକ୍ତ ଏଇ ପାନୀୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ । ଏଣୁ ଏଥିରୁ ମଧ୍ୟ ନିବୃତ ରୁହନ୍ତୁ ।
- ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ୍‌ଯୁକ୍ତ ସକାଳ ଜଳଖିଆ କରିବା ଉଚିତ । ଏହା ଦ୍ୱାରା ଆପଣଙ୍କ ଶରୀର ଓ ମସ୍ତିଷ୍କ ଉଭୟକୁ ଶକ୍ତି ମିଳିଥାଏ ।
- ଅନ୍ୟ ଏକ କଥା ସକାଳବେଳା ଶୀଘ୍ର ଉଠି ଦ୍ୱିପହରରେ ଶୋଇବା ଏକ ବଦଭ୍ୟାସ । ଆପଣ ୬-୭ ମଧ୍ୟରେ ଶଯ୍ୟତ୍ୟାଗ କରି ରାତି ୯ଟା ଶୁଦ୍ଧା ଶୋଇବାର ସୁନ୍ଦର ଅଭ୍ୟାସରେ ନିଜକୁ ସାମିଲ କରନ୍ତୁ ।





# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ କଟକଣା...

ମହାମାରୀ କୋଭିଡ୍-୧୯ର ତୃତୀୟ ଲହରକୁ ନେଇ ଶେଷରେ କିଛିଟା ସୁଖଦ ଖବର ମିଳିଛି । ଏହି ଲହର, ଯାହା ୨୦୨୧ର ଶେଷ ଭାଗ ଆଡ଼କୁ ଆରମ୍ଭ ହୋଇଥିଲା, ତା'ର ଅନ୍ତ ଘଟୁଥିବା ସମ୍ପର୍କରେ ସଙ୍କେତ ପ୍ରଦାନ କରିବାକୁ ଯାଇ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଗତ ୧୬ ତାରିଖ ଦିନ କୋଭିଡ୍ କଟକଣାଗୁଡ଼ିକର ସମୀକ୍ଷା କରି ଅତିରିକ୍ତ କଟକଣାଗୁଡ଼ିକରେ ସଂଶୋଧନ ଆଣିବାକୁ ବା ସେସବୁର ସମାପ୍ତି ଘଟାଇବାକୁ କହିଛନ୍ତି । ସରକାରଙ୍କର ଏଭଳି କହିବାର କାରଣ, ବେଶ୍ କିଛିଦିନ ହେବ ଲଗାତର ଭାବରେ ସମଗ୍ର ଦେଶରେ ସଂକ୍ରମଣର ସ୍ଥିତିରେ ତଥା ସମୀକ୍ଷା ପରେ ପଜିଟିଭ୍ ବ୍ୟକ୍ତିଙ୍କ ସଂଖ୍ୟା କ୍ଷେତ୍ରରେ ନିମ୍ନଗତି ବଜାୟ ରହିଛି । ତେଣୁ ଭିନ୍ନ ରାଜ୍ୟରେ ଏହି ଲହରର ଭୟାବହତାକୁ କମାଇବା ନିମନ୍ତେ ସରକାରମାନେ ଜାରି କରିଥିବା କଟକଣାକୁ କୋହଳ କରିବାର ସମୟ ଆସିଛି ବୋଲି ଅନୁଭବ କରିଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ସରକାର ଆହୁରି ମଧ କହିଛନ୍ତି ଯେ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଭିନ୍ନ ସ୍ତରର ପ୍ରବେଶ ପଏଣ୍ଟଗୁଡ଼ିକରେ ଅତ୍ୟଧିକ କଟକଣା ଜାରି କରାଯିବା ଅନୁଚିତ ଯଦ୍ଦ୍ୱାରା ଲୋକମାନଙ୍କର ସ୍ୱାଭାବିକ ଯାତାୟତ ଓ ଅର୍ଥନୀତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବ । ସଙ୍ଗେ ସଙ୍ଗେ ଏକଥା ମଧ କେନ୍ଦ୍ର ସରକାର କହିଛନ୍ତି ଯେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମହାମାରୀର ପ୍ରାଦୁର୍ଭାବକୁ ପରାହତ କରିବା ନିମନ୍ତେ ପରୀକ୍ଷା କରିବା- ଚିହ୍ନଟ କରିବା- ଚିକିତ୍ସା କରିବା- ଟିକା ନେବା ଏବଂ କୋଭିଡ୍-ଅନୁକୂଳ ବ୍ୟବହାରଗୁଡ଼ିକର ଅନୁପାଳନ କରିବା ଭଳି ପାଞ୍ଚ ସୂତ୍ରୀ କୌଶଳକୁ ବଜାୟ ରଖିବାରୁ ବିରତ ହେବା ଅନୁଚିତ । ପୁନଶ୍ଚ, ସଂକ୍ରମଣର ପ୍ରକ୍ଷେପଣକୁ ନିରୀକ୍ଷଣ କରିବା ସହିତ ଦୈନନ୍ଦିନ ଭିତ୍ତିରେ ସଂକ୍ରମଣର ହାର ଉପରେ ନଜର ରଖିବାର କାର୍ଯ୍ୟକୁ ବଜାୟ ରଖିବାକୁ ମଧ କୁହାଯାଇଛି । ସରକାରଙ୍କର ଏହି ପରାମର୍ଶ ବିଗତ ଦୁଇ ବର୍ଷ ଧରି ଲୋକମାନଙ୍କ ଉପରେ ଲଦି ଦିଆଯାଇଥିବା କଟକଣା ଯୋଗୁଁ ସେମାନେ ଭୋଗି ଆସୁଥିବାବ ସୀମିତ ଜୀବନରୁ ମୁକ୍ତି ଦେବା ପାଇଁ ଏକ ବାସ୍ତବବାଦୀ ତଥା ସ୍ୱାଭାବିକ ଉପାୟ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ଗମ୍ଭୀରତାର ସହିତ ଗ୍ରହଣ କରି ତଦନୁଯାୟୀ କାର୍ଯ୍ୟ କରିବା ଉଚିତ । ଲୋକମାନଙ୍କ ଜୀବିକାର୍ଜନର ପନ୍ଥାକୁ ସ୍ଥାୟିତ୍ୱ ପ୍ରଦାନ କରିବା ସବୁ ସରକାରଙ୍କର ଧାନର କେନ୍ଦ୍ରବିନ୍ଦୁ ହେବା ବିଧେୟ ଏବଂ ସେ ଦୃଷ୍ଟିରୁ କର୍ତ୍ତୃପକ୍ଷମାନେ ଅତି ସାବଧାନତାର ସହିତ ନିଷ୍ପତ୍ତି ଗ୍ରହଣ କରିବା ଆବଶ୍ୟକ । ପରୀକ୍ଷଣ ଏବଂ ସଂକ୍ରମିତ ବ୍ୟକ୍ତିଙ୍କୁ ନିରୂପଣ କରିବାର କାର୍ଯ୍ୟକୁ ପୂର୍ବବତ୍ ବଜାୟ ରଖାଯିବା ସହିତ ଗୋଟିଏ ସ୍ଥାନରେ ବହୁ ସଂଖ୍ୟକ ଲୋକଙ୍କ ଜମା ହେବା କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରଖିବାର ନିୟମକୁ କଡ଼ାକଡ଼ି ପାଳନ କରାଯିବା ଉଚିତ, ବିଶେଷକରି ସାମାଜିକ, ରାଜନୀତିକ ଏବଂ ଧାର୍ମିକ ସମାବେଶଗୁଡ଼ିକରେ । ତେବେ ଦ୍ୱିତୀୟ ଲହରର ଭୟାବହତାରୁ ହିଁ ସରକାର କିଛି ଶିକ୍ଷାଲାଭ କଲେ ଏବଂ କେତେଗୁଡ଼ିଏ ପ୍ରସଙ୍ଗର ସମାଧାନ କଲେ, ଯାହା ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ପଙ୍ଗୁ କରି ଦେଉଥାଏ । ଅକ୍ସିଜେନ୍ ଅଭାବରୁ ଲୋକମାନେ ପ୍ରାଣତ୍ୟାଗ କରୁଥିବା ବ୍ୟବସ୍ଥାର ହୃଦୟକୁ ତରଳାଇବାରେ ସକ୍ଷମ ହେଲା; ସରକାର ସାମ୍ନାକୁ ଆସିଲେ ଏବଂ ସମଗ୍ର ଦେଶର ବିଭିନ୍ନ ଭାଗରେ ଅଧିକରୁ ଅଧିକ ସଂଖ୍ୟକ ଅକ୍ସିଜେନ୍ ପ୍ଲାଣ୍ଟ୍ ପ୍ରତିଷ୍ଠା କରାଯିବାକୁ ସୁନିଶ୍ଚିତ କଲେ, ଯେତେବେଳେ କି ହସ୍ପିଟାଲମାନଙ୍କୁ ମଧ ସେମାନଙ୍କ ନିଜସ୍ୱ ପ୍ଲାଣ୍ଟ୍ ପ୍ରତିଷ୍ଠା କରିବାକୁ ଉତ୍ସାହିତ କରାଗଲା । ସାରା ଦେଶରେ ପିଲାମାନଙ୍କ ନିମନ୍ତେ ଅଧିକ ସଂଖ୍ୟକ ଆଇସିୟୁ ପ୍ରତିଷ୍ଠା କରାଗଲା । ସମ୍ପ୍ରତି ମହାମାରୀର ଭୟାବହତା ହ୍ରାସ ପାଇଥିବା ପରିପ୍ରେକ୍ଷୀରେ ସରକାର ଏହାକୁ ଏକ ସୁଯୋଗ ମନେକରି ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ଉଚିତ; ପ୍ରମୁଖ ଛିଦ୍ରଗୁଡ଼ିକ କେଉଁ କେଉଁ ସ୍ଥାନରେ ରହିଛି, ତା'ର ନିରୂପଣ କରି ସେସବୁକୁ ବନ୍ଦ କରିବା ଉଚିତ । ଭାରତ ଭଳି ଏକ ବିଶାଳ ଦେଶରେ ବର୍ଷେ କି ଦୁଇ ବର୍ଷରେ ସବୁ ସମସ୍ୟାର ସମାଧାନ କରିବା ଏତେ ସହଜ ନୁହେଁ; ତେବେ ନିହାତି କମ୍‌ରେ ଏଥିପାଇଁ କାର୍ଯ୍ୟ ଆରମ୍ଭ କରାଯିବା ଉଚିତ । ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ର ନିମନ୍ତେ ଉଦ୍ଦିଷ୍ଟ ବଜେଟ୍ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଅର୍ଥରାଶି ଆବଶ୍ୟକ କରୁଥିବା କ୍ଷେତ୍ରରେ ବ୍ୟୟ ହେଉଥିବା ସମ୍ପର୍କରେ ନିଶ୍ଚିତ ହେବା ବିଧେୟ । ଓମିକ୍ରନ୍ ମହାମାରୀ କୋଭିଡ୍-୧୯ର ଶେଷ ଭାରିଆଣ୍ଟ୍ ନୁହେଁଢ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚେତାବନୀ ଶୁଣାଇ ସାରିଥିବାରୁ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏହାକୁ ଦୂରେଇ ରଖିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଚାଲିବା ଉଚିତ ।

## କବି ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି



ବୈଷ୍ଣବ ମେହେର



ଓଡ଼ିଆ ସାହିତ୍ୟକୁ ନିଜ ଉଚ୍ଚକୋଟିର ରଚନା ମାଧ୍ୟମରେ ଋଦ୍ଧିମନ୍ତ କରିଥିବା କବିଙ୍କ ମଧ୍ୟରେ ରାଧାମୋହନ ଗଡ଼ନାୟକ ସୁପରିଚିତ ଉଚ୍ଚାରଣ । ଗାଥା କବିତା ରଚନାକୁ ସେ ଏକ ନୂତନ ଓ ସ୍ୱତଂତ୍ର ଦିଗ ଦେଖାଇଥିଲେ । କେଂନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନପ୍ରାପ୍ତ ପଦ୍ମଶ୍ରୀ ରାଧାମୋହନଙ୍କ କବିତାରେ ପୁରି ରହିଛି ସ୍ୱଦେଶୀ ପ୍ରୀତି ଓ ସବୁଜ ସୌନ୍ଦର୍ଯ୍ୟର ପରିଭାଷା । କବିତାର ଶୈଳି, ଲାଳିତ୍ୟ, ଗାମ୍ଭୀର୍ଯ୍ୟକୁ ନେଇ ତାଙ୍କ ରଚନା ଥିଲା ଅନନ୍ୟ ଓ ପ୍ରଣିଧାନଯୋଗ୍ୟ । ଓଡ଼ିଶାର ପରମ୍ପରା, ଇତିହାସ, ସଂସ୍କୃତି, କିମ୍ବଦନ୍ତୀ, କାହାଣୀକୁ ନିଜ ରଚନାରେ କାବ୍ୟ ରୂପ ଦେଇ ଏ ମାଟିର ଲୋକପ୍ରିୟତାକୁ ଅନେକାଂଶରେ ସେ ଜାତୀୟ ସ୍ତରକୁ ପରିବର୍ଦ୍ଧିତ କରିଥିଲେ । କାବ୍ୟନାୟିକା, କୈଶୋରିକା, ପଶୁପକ୍ଷୀର କାବ୍ୟ, ଉତ୍କଳିକା, ଦୀପଶିଖା, ସୂର୍ଯ୍ୟ ଓ ଅନ୍ଧକାର, ଶାମୁକାର ସ୍ୱପ୍ନ ଆଦି ଓଡ଼ିଆ ସାହିତ୍ୟକୁ କବି ରାଧାମୋହନଙ୍କ ଅନବଦ୍ୟ କୃତି । ଏହା ଛଡ଼ା ସେ ମହାଯାତ୍ରାର ଶେଷ ସର୍ଗ, ମାଳିନୀ ନଦୀର ଢେଉ, କୁହୁଡ଼ିର ଇତିକଥା, ଖଦଡ଼ ଓ ଅନ୍ୟାନ୍ୟ କବିତା, ଆଉ ଜଣେ, ଦେଶ ବିଦେଶର ପ୍ରେମ କବିତା, ସେକ୍ସପିୟରଙ୍କ ସନେଟ୍, ସ୍ମରଣିକା, ହିରାଖଣ୍ଡ ଗାଥା, ମୌସୁମୀ, ନବଜାତକ, ଦୁଇଟି ତାହାର ଡେଣା, ଗାନ୍ଧୀ ଗାଥା, ସୌରଭ, ଅର୍ବାଚୀନ ତାରା ଆଦି ମୂଲ୍ୟବାନ କାବ୍ୟ, କାବ୍ୟ ନାଟିକା, ଶିଶୁ କବିତା, ଅନୁବାଦ କବିତା ଆଦି ରଚନା ଓଡ଼ିଆ ବାଣୀଭଣ୍ଡାରକୁ ସମର୍ପଣ କରିଯାଇଛନ୍ତି ।

୧୯୧୧ ମସିହା ଅଗଷ୍ଟ ୨୫ ତାରିଖରେ ସେତେବେଳର ଢେଙ୍କାନାଳ ଜିଲ୍ଲା ଅର୍ନ୍ତଗତ କଲଣ୍ଡାପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିବା କବି ରାଧାମୋହନ ୧୯୧୯ରେ ମାତ୍ର ଆଠ ବର୍ଷ ବୟସରେ ତାଙ୍କ ଜୀବନର ପ୍ରଥମ କବିତା 'ତାରା' ରଚନା କରି ଲୋକ ଲୋଚନକୁ ଆସିପାରିଥିଲେ । ଦେଶପ୍ରେମୀ ରାଧାମୋହନ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ସକ୍ରିୟ ଭାବରେ ଅନ୍ଦୋଳନରେ ଯୋଗ ଦେବା ସହ ନିଜ ଶିକ୍ଷା ଗ୍ରହଣ ମଧ୍ୟ ଜାରି ରଖିଥିଲେ । ରାଧାମୋହନଙ୍କ ଛାତ୍ର ଜୀବନର ଏକ ଘଟଣାକୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ, ସେ କଟକ ସ୍ଥିତ କ୍ରାଏଷ୍ଟ କଲେଜରେ ଆଇ.ଏ. ପାଠ ପଢୁଥିବା ବେଳେ ତାଙ୍କ ରଚିତ 'କାବ୍ୟ ନାୟିକା' ଉକ୍ତ ଶ୍ରେଣୀର ପାଠ୍ୟ ପୁସ୍ତକର ଅର୍ନ୍ତଭୁକ୍ତ ଥିଲା । ଯାହା ବିଶ୍ୱର ଖୁବ କମ୍ କବି ଲେଖକଙ୍କ ଜୀବନରେ ଘଟି ଥାଏ ।

'ସୂର୍ଯ୍ୟ ଓ ଅନ୍ଧକାର' କବିତା ସଙ୍କଳନ ପାଇଁ ୧୯୭୫ ମସିହାରେ ରାଧାମୋହନ କେଂନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ଏଥିସହ ୧୯୭୫ରେ ନୀଳଶୈଳ, ୧୯୮୮ରେ ନନ୍ଦିଘୋଷ ଓ ବିଷୁଭ ପୁରସ୍କାର, ୧୯୯୩ରେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ୧୯୯୭ରେ ଉତ୍କଳ ରତ୍ନ, ୧୯୯୯ରେ ଉତ୍କଳଶ୍ରୀ ଓ ପ୍ରଥମ ସ୍ୱାଭିମାନ ପୁରସ୍କାର ଏବଂ ୧୯୯୦ ମସିହାରେ କେଂନ୍ଦ୍ର ସରକାରଙ୍କ ଠାରୁ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ହେବା ତାଙ୍କ ସଫଳ ସୃଜନଶୀଳ ଜୀବନକୁ ପରିପ୍ରକାଶ କରେ ।

ଦେଶ ସ୍ୱାଧୀନତା ପୂର୍ବରୁ ରାଧାମୋହନଙ୍କ ରଚିତ ଅନେକ କାବ୍ୟ କବିତା ଉତ୍କଳ ସାହିତ୍ୟ, ନବଯୁଗ, ସହକାର, ପଂଚାମତ ଆଦି ଲୋକପ୍ରିୟ ପତ୍ରିକାରେ ପ୍ରକାଶିତ ହୋଇ ସେତେବେଳେ ବହୁଳ ପାଠକୀୟ ଆଦୃତି ଲାଭ କରିଥିଲା । ଉତ୍କଳ ସାହିତ୍ୟ ସମ୍ମିଳନୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭଳି ଅନେକ ସଂଭ୍ରାନ୍ତ ସାହିତ୍ୟ ଅନୁଷ୍ଠାନ ମାନଙ୍କର ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ରହି କବି ରାଧାମୋହନ ନିଷ୍ଠାର ସହ ନିଜ ଦାୟିତ୍ୱ ନିର୍ବାହ କରିଯାଇଛନ୍ତି । ଓଡ଼ିଆ ସାହିତ୍ୟରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କବି ରାଧାମୋହନ ଗଡ଼ନାୟକ ୨୧ ଫେବୃଆରୀ ୨୦୦୦ ମସିହାରେ ଇହଧାମ ତ୍ୟାଗ କରିଥିଲେ ହେଁ ତାଙ୍କର ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଓ କାଳଜୟୀ ସୃଷ୍ଟି ନିମନ୍ତେ ସେ ସଦା ଅମର ହୋଇ ରହିବେ, ଏହା ନିସନ୍ଦେହ

ସଭାପତି
ଗଙ୍ଗାଧର ସାରସ୍ୱତ ସମିତି
ସିନାପାଲି,ନୂଆପଡ଼ା

## ଭୋଟ ଦେବା କାହାକୁ ?




କବି ବିପ୍ଲବ

ଭାରତ ପୃଥିବୀର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ସେଥିପାଇଁ ଏଠି ନିର୍ବାଚନ ସମୟ ଆସିଲେ ଉତ୍ସବର ମାହୋଲ ସୃଷ୍ଟି ହୁଏ । ଏଥିରେ ସାମିଲ ହୁଅନ୍ତି ଅଠର ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ବିଶେଷ । ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ପ୍ରତିଶ୍ରୁତିର ବର୍ଷା ହୁଏ । ସାଧାରଣ ଜନତା ବି ଲୋଭର ବଶବର୍ତ୍ତୀ ହୋଇ ସବୁ ଭୁଲିଯାଇ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇଥାନ୍ତି କ୍ଷ ସଂପ୍ରତି ଓଡିଶାର ପଞ୍ଚାୟତ ଆଉ ପୌର ନିର୍ବାଚନ ପାଖେଇ ଆସୁଥିବା ପରିପ୍ରେକ୍ଷୀରେ ଉଭୟ ଶାସକ ଓ ବିରୋଧୀ ମାତି ଯାଇଛନ୍ତି । ସେଥିପାଇଁ ଏବେ କାଦୁଆ ଫିଙ୍ଗା ରାଜନୀତି ଚାଲିଛି । ବିରୋଧୀ ସରକାରଙ୍କୁ ବିରୋଧ କରିବା ନୀତିରେ ଅଟଳ ରହି ଅଣ୍ଡା ଫୋପାଡ଼ି ବିରୋଧ କରୁଥିବା ବେଳେ ସରକାର ନିଜର ଆତ୍ମ ରକ୍ଷା ପାଇଁ ବିଭିନ୍ନ ରଣନୀତି ଆପଣଉଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏପରି ସମୟରେ ଗୋଟିଏ ସାଧାରଣ ଲୋକ ବା ଭୋଟରର ଭୂମିକା କଣ ହେବା ଦରକାର ?

ରାଜନୈତିକ ଦଳ ଗୁଡ଼ିକ ଆଉ ପ୍ରାର୍ଥୀ ମାନେ ସାଧାରଣ ଲାଗୁଥିବା ପଞ୍ଚାୟତ ନିର୍ବାଚନରେ ବି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି । ଏଥିରେ ସତ ଉପାୟରେ ଅର୍ଜିତ ଟଙ୍କା ବା ପୈତୃକ । ସମ୍ପତ୍ତି ଖୁବ କମ ପରିମାଣର ଥାଏ। ବାକି ତକ ଥାଏ ଦଳୀୟ ପାଣ୍ଠି । ଯାହାକୁ ବୁଥ ଖର୍ଚ୍ଚ କୁହାଯାଏ । ଏହି ଟଙ୍କା ଆସେ କେଉଁଠୁ ? ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କମ୍ପାନୀ ଗୁଡ଼ିକ ରାଜନୈତିକ ନେତାଙ୍କର ଛତ୍ର ଛାୟା ତଳେ ରହି ବ୍ୟବସାୟ କରିବା ଲକ୍ଷ୍ୟରେ ଏହି ସବୁ ଚାନ୍ଦା ଦେଇଥାନ୍ତି । ତଳ ସ୍ତରରେ ମାନେ ପଞ୍ଚାୟତ ସ୍ତରରେ ଶାସକ ଦଳ ବା ସ୍ଥାନୀୟ ବିଧାୟକଙ୍କ ଶୁଭ ଦୃଷ୍ଟିରେ ରହିବା ପାଇଁ କୁଜି କଣ୍ଟ୍ରାକ୍ଟର ଆଉ ଡିଲର ମାନେ ନିର୍ବାଚନ ପୂର୍ବରୁ ଖର୍ଚ୍ଚ କରି ନିଜର ପତିଆରା ଦେଖୋଇଥାନ୍ତି । ଯାହା ଫଳରେ ସେମାନେ ପାଞ୍ଚ ବର୍ଷ ଯାଏଁ ସ୍ଥାନୀୟ ପ୍ରତିନିଧିଙ୍କ ଶୁଭ ଦୃଷ୍ଟିରେ ରହିବେ କ୍ଷ ସେଥିପାଇଁ ଏବେ ଗାଁରେ ଗାଁରେ ମେଳି ଆରମ୍ଭ ସହିତ ଭୋଜି ଭାତର ଆସର ବି ଜମିଲାଣି । ଆମେ ଭୋଜିଖାଇ ଖୁସି । କିନ୍ତୁ ଆମ ଗାଁକୁ ଆସିଥିବା ରାସ୍ତା ଢ଼ଳେଇର କିଛି ଦିନ ପରେ କେମିତି ଗାତ ହେଇଯାଏ ସେ ବିଷୟରେ ଚିନ୍ତା କରୁନା । ସ୍ଥାନୀୟ କଣ୍ଟ୍ରାକ୍ଟର କେମିତି କୌଣସି ସରକାରୀ ଚାକିର ନକରି ନିଜର ବିଲଡିଂ ବଢ଼େଇ ଚାଲେ ଆମେ ଚିନ୍ତା କରୁନା । ଆମେ ଭାବୁ ଭୋଜି ଭାତ, ମାଂସ, ମଦ ସବୁ ମାଗଣା ମିଳୁଛି । ସାଧାରଣ ଲୋକଟିଏ ବିବାହ ବା ଶୁଦ୍ଧ ଘରରେ କିଛି ଟଙ୍କା ଖର୍ଚ୍ଚ କରି ଦେବାଳିଆ ହେଇଯାଏ । ସାରାଜୀବନ କରଜର ବୋଝ ମୁଣ୍ଡେଇ ବୁଲେ । ମାତ୍ର ଗୋଟିଏ ରାଜନୈତିକ ବ୍ୟକ୍ତି ବିଶେଷ କ୍ଷେତ୍ରରେ ଏମିତି ଘଟେନି । କାରଣ ତାର ରୋଜଗାର ଯଥେଷ୍ଟ । ଲୋକଟିଏ ବା ସାଧାରଣ ଭୋଟର ଟିଏ ଭାବେ ସେ ଦେଶ ଲୁଟି ଖାଉଛି, କଣ ଆମ ବାପ ସମ୍ପତ୍ତି ଖାଇ ଯାଉଛି ? ସିଏ ଖାଉଛି ଆମେ ନିର୍ବାଚନ ସମୟରେ କିଛି ଝଡ଼େଇ ଖାଇଲେ ଦୋଷ କଣ ? ଏମିତି ଚିନ୍ତାଧାରା ପାଇଁ ଦେଶ ଆଜି ତଳକୁ ଯାଉଛି । ଟିକିଏ ନିରିଖେଇକି ଦେଖିଲେ ଏ ସବୁ ଆମ ପଇସା । ବିନ୍ଦୁ ବିନ୍ଦୁ ମିଶି ସିନ୍ଧୁ ହେଲାପରି ଆମ କଷ୍ଟ ଅର୍ଜିତ ସମ୍ପତ୍ତି ନେତା ମାନେ ଲୁଟି ଚାଲୁଛନ୍ତି । ସେଥିପାଇଁ ତ ମହଙ୍ଗା ସମୟ ଦେଇ ଆମେ ଗତି କରୁଛେ । ଗ୍ୟାସ ଆଉ ତୈଳଜାତ ଦ୍ରବ୍ୟର ଭୟଙ୍କର ଦର ବୃଦ୍ଧି ଏହାର ପ୍ରକୃଷ୍ଟ ଉଦାହରଣ । ଆମର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭିତରେ ପରୋକ୍ଷ ଭାବରେ ଆମ ରୋଜଗାର କମ୍ପାନୀ ବା ସରକାର ବା ନେତାଙ୍କ ପକେଟକୁ ଚାଲି ଯାଉଛି । ଆମେ ଅଳ୍ପ କିଛି ମଦ, ମାଂସ ଆଉ ଟଙ୍କାରେ ସନ୍ତୁଷ୍ଟ ହେଇ କୃତ୍ୟ କୃତ୍ୟ ହେଇ ଯାଉଛେ । ତେଣୁ ଆମେ କାହାକୁ ଭୋଟ ଦେବା ତାହା କୌଣସି ଦଳର ଭୋଜି ବା ଟଙ୍କା ନିଷ୍ପତ୍ତି ନ ନେଉ । ଆମ ବିବେକ ସେ ବିଚାର କରୁ । ତାହେଲେ ଯାଇ ଗଣତନ୍ତ୍ରର ସୁଫଳ ଆମ ପାଖରେ ପହଂଚିବ ।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



## ମୁଁ ଫିଟ୍ ଅଛି




ସୁବ୍ରତ କର

ସମସ୍ତଙ୍କୁ ଜଣାଇଦେଲେ ଆମ ରାଜ୍ୟର ମୁଖିଆ ଏବଂ ଦଳର ମୁଖିଆ । ଅନେକଙ୍କ ମନରେ ସଂଶୟକୁ ସେ ନିଜେ କ୍ୟାମେରା ଆଗକୁ ଆସି ଦୂର କରିଲେ । ସେ କହିଲେ ଏହି ପ୍ରଶ୍ନ ଠିକ୍ ଇଲେକସନ୍ ସମୟରେ ଆସେ ଏବଂ କିଛି ଲୋକ ଏହାକୁ ଇଚ୍ଛାକରି ଉଠାଇଥାଆନ୍ତି । କାଳେ ମୁଖିଆଙ୍କ କଣ କିଛି ହେଇଗଲେ ରାଜ୍ୟ ଚାଲିବ କେମିତି ? ଏହା ବିରୋଧୀ ଦଳର ପ୍ରଚାର ମଧ ହୋଇପାରେ । ତାଙ୍କର ସ୍ୱାସ୍ଥ୍ୟଗତ କାରଣରୁ କିଛି ଯଦି ଫାଇଦା ମିଳେ । ମୁଁ ଏହିଠାରେ କେଉଁ ଦଳକୁ ବା ବ୍ୟକ୍ତି ବିଶେଷଙ୍କୁ ବିଚାରକୁ ନେଉନାହିଁ । କୌଣସି ଦଳ ହେଉ ବା ବ୍ୟକ୍ତି ବିଶେଷ ରାଜ୍ୟ ପାଇଁ ବା ଦେଶପାଇଁ ହେଉ ଅପରିହାର୍ଯ୍ୟ ନୁହନ୍ତି । ଏପରି ପ୍ରଶ୍ନ ବାରମ୍ବାର ଉଠିଛି ଏବଂ ଆପେ ଆପେ ତାର ନିଜସ୍ୱ ବାଟ ଖୋଜି ପାଇଛି ଏବଂ ସମାଧାନ ମଧ ହୋଇଛି । ନେହେରୁ ପରେ କିଏ ଦେଶର ପ୍ରଧାନମନ୍ତ୍ରୀ ହେବେ ? ଦେଶକୁ ଚଳେଇବେ କିଏ ? କିନ୍ତୁ ଜୟ ଯବାନ, ଜୟ କିଶାନ କହି ଲାଲ ବାହାଦୂର ଶାସ୍ତ୍ରୀ ଆପେ ଆପେ ବଛା ହୋଇ ପ୍ରାୟ ଦେଢ଼ ବର୍ଷ ଦେଶକୁ ସୁରଖୁରରେ ଚଳେଇଥିଲେ । କିଏ କେତେ ପର୍ଯ୍ୟନ୍ତ ରାଜ୍ୟକୁ ବା ଦେଶକୁ ଚଳେଇବେ ଏହା ନିର୍ଦ୍ଧାରିତ ହୁଏ ଜନସାଧାରଣଙ୍କ ଦ୍ୱାରା। ଭୋଟ ବେଳେ ସବୁ ଦଳର ନେତା ଜନସାଧାରଣଙ୍କୁ ତାଙ୍କର ଜଗନ୍ନାଥ ଭାବି ଥାଆନ୍ତି । କିନ୍ତୁ ଜିତିଗଲା ପରେ ଅନ୍ତତଃ ସାଢ଼େ ଚାରିବର୍ଷ ପର୍ଯ୍ୟନ୍ତ ସାଧାରଣ ଜନତାଙ୍କୁ ଭୁଲି ଯାଆନ୍ତି ଏବଂ ପୁଣି ସେହି ଜନତା ଜନାର୍ଦ୍ଦନ ପାଖକୁ ହାତ ପତାଇବାକୁ ପଡ଼ିଥାଏ । ଏବେ ପୁରୁଣା କଥାକୁ ଫେରିବା । ନିଶ୍ଚିତ ଭାବରେ ଗତ କାଲି ଟି.ଭି ଇନ୍‌ଟରଭ୍ୟୁରୁ ପରିଷ୍କାର ହେଲା ଯେ ଆମର ମୁଖିଆ ଠିକ୍ ଠାକ୍ ଅଛନ୍ତି । ତାଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ସେମିତି କିଛି ନାହିଁ । କିନ୍ତୁ, ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି ତ ? ବା ଭୋଟ ପରେ ଠିକ୍ ରହିବ ତ ? ଏହାର ମୂଳ କାରଣ ହେଲା ମୁଖିଆଙ୍କ ପାଇଁ ହଜାରେ ଡାକ୍ତର ଆସିବେ, ସବୁ ପ୍ରକାରର ସୁବିଧା ସୁଯୋଗ ମିଳିବ କିନ୍ତୁ ଜନସାଧାରଣଙ୍କ ପାଇଁ । ଏବେ ଏବେ ଏ ବର୍ଷ ପାଇଁ ୧୪୦୦ରୁ ଉର୍ଦ୍ଧ୍ୱ ଡାକ୍ତରୀ ପାଠ ପଢ଼ିବା ପାଇଁ ବଛା ହୋଇଛନ୍ତି ଏବଂ ତନ୍ମଧ୍ୟରୁ ୧୧୦୦ରୁ ଉର୍ଦ୍ଧ୍ୱ ପ୍ରଥମ ସିଲେକ୍ସନରେ ବଛା ହୋଇଛନ୍ତି ଏବଂ ପରେ ପରେ ସବୁ ସିଟ ଭର୍ତ୍ତି ହୋଇଯିବ । ଏବେ ପ୍ରଶ୍ନ ହେଲା ଏହି ପରିମାଣ ଡାକ୍ତର ପ୍ରତିବର୍ଷ ରାଜ୍ୟରୁ ସବୁ ମେଡିକାଲ କଲେଜରୁ ବାହାରୁଛନ୍ତି ଏବଂ ଅନେକ ସରକାରୀ ଚାକିରୀ କରୁନାହାନ୍ତି, ବାହାରକୁ ଚାଲି ଯାଉଛନ୍ତି ଏହି ସଂଖ୍ୟା କଣ ସାଢ଼େ ୪କୋଟି ଲୋକଙ୍କ ସଂସ୍ଥା । ଅବସ୍ଥା ବୁଝିବା ପାଇଁ ସକ୍ଷମ ହେବେ ? ଅଧିକାଂଶ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ, ମେଡିକାଲ କଲେଜ କଥା ନ କହିଲେ ଭଲ । ଏହି ଅବସ୍ଥାରେ ରାଜ୍ୟ କଣ ଦେଶ ମଧ ଚାଲିଛି । ପୁଣି ଡାକ୍ତର ମାନଙ୍କ ମଧ୍ୟରୁ ଗରିବ ରୋଗୀଙ୍କ ପାଖରୁ ପଇସା ନେଇ ଭିଜିଲେନ୍‌ସ ହାତରେ ଧରାପଡ଼ି ଜେଲ ମଧ ଯାଉଛନ୍ତି । ହଁ, ଏହା ଠିକ୍ ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି । ସେ ଫିଟ୍ ଅଛନ୍ତି ଜଗନ୍ନାଥ କରନ୍ତୁ ସେ ଫିଟ୍ ରହି ଆହୁରି ୫ବର୍ଷ ରାଜ୍ୟ ଚଳାନ୍ତୁ କିନ୍ତୁ ଜନସାଧାରଣ କେମିତି ଫିଟ୍ ରହିବେ ଏହାକୁ ମଧ ଦେଖନ୍ତୁ । ଜନସାଧାରଣ ଫିଟ୍ ରହିଲେ ସେ ଫିଟ୍ ରହିବେ ।

## କବିତା କୋଣାର୍କ

### ଫଗୁଣ ଆସିଲା

**ସୁଧାକର ରାଉତ**



ଉତ୍ତରା ପବନ ବନ୍ଦ ହେବା କ୍ଷଣି
ଦକ୍ଷିଣା ପବନ ବହିଲା
ଶୀତର ରାଜୁତି ସରି ସରିଗଲା
ଧରାକୁ ଫଗୁଣ ଆସିଲା ।

ମୃଦୁ ମୃଦୁ ମନ୍ଦ ସମୀର ବହିଣ
ମନ ଉଲ୍ଲସିତ କରିଲା
ବନ ଉପବନ କୁସୁମେ ମଣ୍ଡିତ
ହୋଇ କେଡ଼େ ତୋରା ଦିଶିଲା ।

ବୃକ୍ଷ ଡାଳେ ବସି ଆନନ୍ଦ ମନରେ
କୋଇଲି ପଞ୍ଚମେ ଗାଇଲା

ଆମ୍ର ବକୁଳର ଅଭୁଲା ସୁବାସ
ସବୁରି ମନକୁ ମୋହିଲା ।

ରୂପର ପସରା ମେଲାଇ ଫଗୁଣ
ବସନ୍ତ ଆଗମନୀ ଦେଲା

ସବୁଜ ରଙ୍ଗର ପାଟ ଶାଢ଼ୀ ପିନ୍ଧି
ଧରଣୀ ସୁନ୍ଦର ଦିଶିଲା ।

ଦୋଳ ବିମାନରେ ରାଧାମାଧବଙ୍କ
ଯୁଗଳ ମୂରତି ଶୋଭିଲା
ହରିବୋଲ ହୁଳାହୁଳି ଶବଦରେ
ପୁରପଲ୍ଲୀ ସବୁ କମ୍ପିଲା ।

ରଙ୍ଗର ପରବ ହୋଲି ଉତ୍ସବରେ

ରଙ୍ଗ ବୋଳା ବୋଳି ହୋଇଲା
ଜାତି, ଧର୍ମ, ବର୍ଣ୍ଣ ଆଦି ଭେଦ ଭାବ
ରଙ୍ଗ ଦେଖି ଦୁରେଇ ଗଲା ।

ପଶୁ ପକ୍ଷୀ, ନର ପାଦପ ସଭିଙ୍କୁ
ଫଗୁଣ କିମିଆଁ ଛୁଇଁଲା
ପରିବେଶ ସୁସ୍ଥ ରଖି ଋତୁରାଜ
ତାର ରାଜୁତି ଆରମ୍ଭିଲା ।

♥ ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

### ଋତୁରାଜ ବସନ୍ତ

**ନିରଞ୍ଜନ ସାହୁ**



ଆସେ ଋତୁରାଟ ସଜାଇକି ଥାଟ
ଚୌଦିଗେ ଚହଳ ପଡେ
ବସନ୍ତ ବର୍ଣ୍ଣନା କରିବାକୁ କବି
ଭାବନା ରାଜ୍ୟକୁ ଗଡେ ।

ଶୀତ ଛାଡିଯାଏ ଖରା ଆସୁଥାଏ
ଦିନ ବଢ଼ି ବଢ଼ି ଆସେ
କୁସୁମିତ ହୋଇଯାଏ ଜଳସ୍ଥଳ
ମହମହ ହୋଇ ବାସେ

ଦକ୍ଷିଣୁ ବହଇ ମଳୟ ମରୁତ
କଷି କଷି ଆମ୍ବ ଝଡେ ।

କୋଇଲି କଣ୍ଠର କୁହୁତାନ ଶୁଭେ
ବୃକ୍ଷରେ କଅଁଳ ପତ୍ର
ଅବିର ହସଇ ମୁରୁକି ମୁରୁକି
ସର୍ବତ୍ର ଅତ୍ର ତତ୍ର

ନବ ଉନ୍ମାଦନା ଖେଳିଯାଏ ଅଙ୍ଗେ
ପ୍ରଣୟ ନଈର କଡେ ।

ମଧୁମାସ ହୋଇଉଠେ ମଧୁମୟ
ଛ ' ଋତୁ ମଧ୍ୟରେ ସାର
କି ଉପମା ଦେଇ ବର୍ଣ୍ଣନା କରିବ
କବି ବୁଦ୍ଧି ଅଟେ ଛାର
ପ୍ରକୃତି ସୁଷମା ଅତି ଅନୁପମା
କଳ୍ପନାକୁ ପରା ତଡେ ।

♥ ନିହଲ ପ୍ରସାଦ,
ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

### ବସନ୍ତ ଆସିଛି

**ଶ୍ରୀରୂପା ମଞ୍ଜରୀ ସେନ୍**



ଋତୁରାଜ ବସନ୍ତ ଆସିଛି,
ଆସିଛି ଚଇତାଳି ମିଠାମିଠା ସ୍ୱର୍ଶ ନେଇ
ଆମ୍ବ, ଲିଚୁ ଗଛରେ ବଉଳ ଭରିଛି,
ଋତୁରାଜ ବସନ୍ତ ଆସିଛି ।

ଗୋଲାପ, ସେବତୀ, ମନ୍ଦାର
ସୂର୍ଯ୍ୟମୁଖୀ, କନିଅର, ଗେଣ୍ଡୁ,
ଫୁଲରେ, ବଗିଚା ହସୁଛି ।

ବଉଳର ମହ ମହ ବାସ୍ନା,

ଭ୍ରମରର ଗୁଣୁଗୁଣୁ ଗୁଞ୍ଜନ
ପ୍ରଜାପତି ମାନଙ୍କର
ଶୋଭାଯାତ୍ରା ଚାଲିଛି ।
ସୁଲୁସୁଲିଆ ଦକ୍ଷିଣା ପବନ ବହୁଛି,
ଶୀତ ବିଦାୟ ନେଉଛି,

କୁନି ଝିଅଟିର ଫିକ୍ ଫିକ୍ ହସ
ଭାରି ଭଲ ଲାଗୁଛି ।

ସୋରିଷ କିଆରିରେ ହଳଦୀ ରଙ୍ଗର
ଚାଦର ଶୋଭା ପାଉଛି,
ଆଦିବାସୀ ଝିଅଟି ପାଦରେ
ନୂପୁର ପିନ୍ଧି ନୃତ୍ୟ କରୁଛି ।

ଜଗଦୀଶ୍ୱର ଅନ୍ତରାଳରେ ଥାଇ
ସୃଷ୍ଟିର ରହସ୍ୟକୁ ଅବଲୋକନ କରୁଛନ୍ତି
ଋତୁରାଜ ବସନ୍ତ ଆସିଛି ।

♥ ଅଙ୍ଗାର ଗଡିଆ, ବାଲେଶ୍ୱର
ମୋ: ୮୮୯୫୫୭୭୮୬୦

### ମୂର୍ଖ ଜନସଙ୍ଗେ ନକର ପ୍ରୀତି

**ଦୀନବନ୍ଧୁ ପୋଇ**

ପଢିଥିଲେ ପାଠ ନୁହେଁ ପଣ୍ଡିତ
ନ ଟେକିଲ ଯଦି ଗୁରୁଙ୍କୁ ହାତ ।
ନପଢିକି ପାଠ ଥିଲେ ପଣ୍ଡିତ
କାଳିଦାସ ନାମେ ଅଛି କଥିତ
କି ହୋଇବ ଥିଲେ ଗୁଣ ବହୁତ
ପିତା ସମ ନର କଲେ ନିନ୍ଦିତ
ପିତା ସମ ଯିଏ ଦିଅ ସମ୍ମାନ
କରିଲେ ପାଇବ ଆଶିଷ ଧନ
ସତ୍ୟ ପାଖେ ଯାର ନନୁଏଁ ଶିର
ଗଣା ହୁଏ ନାହିଁ କେବେ ସେ ବୀର
କାହାଠାରୁ ଯଦି ପାଇ ସାହାଯ୍ୟ
ଭୁଲିଯାଏ ଯିଏ ସିଏ ଅନାର୍ଯ୍ୟ
ମିଛର ପାହାଡ଼ ଯେତେ ଗଢିବ
ନ ଲୁଚି କି ସତ୍ୟ ଦିନେ ଫୁଟିବ ।
ସତ୍ୟ ବୀଜ ଦିନେ ଶାଖା ମେଲିବ
ବାସରେ ଚଉଦିଗ ମହକି ଯିବ
ମିଛପାହାଡ଼ ଟି ତଳେ ରହିବ
ପଚାସଢା ଗନ୍ଧସଦା ପାଇବ
ବାୟୁ ଜଳ ଆଉ ଅମଳଜାନ
ଏ ସବୁ ଅଟଇ ପ୍ରକୃତି ଦାନ
ହେଉ ଅର୍ଥ ଅବା ପଦିଏ କଥା
ସାହାଯ୍ୟ ଏହାକୁ କହେ ଜନତା
ମିଛ କି ପାରିବ ଲୁଚାଇ ସତ୍ୟ
ସତ୍ୟ ପାଉଥିବ ସଦା ଆତିଥ୍ୟ
ସତ୍ୟକୁ କରିବ ଯେ ନିତ୍ୟ ବ୍ରତ
ଦିନେ ତା ନାମରେ ଉଡିବନେତ
ସଂସ୍କାରୀ ଝିଅକୁ କରିଲେ ବୋହୂ
ଘରକୁ ନ ଆସେ ଅସତ୍ୟ ଆଉ
ନହେଲେ ସଂସ୍କାରୀ ସବୁ ଅନ୍ଧାର ।
ତାର ହାତ ରନ୍ଧା ସବୁ ଜହର
ମୂର୍ଖ ଶିଶୁ ସିଏ ଦିଏ ଜନମ
ଜାଣେ ନାହିଁ ମଣିଷର ଧରମ
ନୈତିକ ଜ୍ଞାନର ହୁଏ ଅଭାବ
ଜୀବନରେ ଆସେନାହିଁ ସ୍ୱଭାବ
ମୂର୍ଖ ନ ଜାଣଇ ରକ୍ତ ସମ୍ପର୍କ
ତୁଚ୍ଛା କଥାରେ ସେ କରେ ବିତର୍କ
ନକରି କରମ ପାଇବା ଆଶା
ବଢୁଥାଏ ତାର ଏପରି ନିଶା
ମୂର୍ଖଜନ ସଙ୍ଗେ ନକର ପ୍ରୀତି
କଲେ ଘଟିବ ନିଶ୍ଚୟ ଦୁର୍ଗତି ।
ମୂରୁଖ ଜନଙ୍କୁ ସାହାଯ୍ୟ କଲେ
ନ କଟିବ ଦିନ ତୁମର ଭଲେ
କରିଲେ ବାସଟି ତାଙ୍କରି କତି
ସର୍ବଦା ମନରେ ଆସିବ ଭିତି
ଜୀବନର ଏହା ମୋ ଅନୁଭୂତି
ମୂର୍ଖ ଠାରୁ ଶ୍ରେଷ୍ଠ ଅଟଇ କୃତି ।

♥ ଗୋରଡ଼ାପାଳ
ଢେଙ୍କାନାଳ
(ମୋ)୯୯୩୮୮୦୨୪୧୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୧ ଫେବୃଆରୀ, ସୋମବାର, ୨୦୨୨


## ପାଗ ବଦଳିଛି




ବିଜୟଲକ୍ଷ୍ମୀ ପାଣିଗ୍ରାହି

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ ୮୨୪୯୪୫୦୦୫୦




ବାଦଲ ଆଜି ଘନେଇ ଉଠିଛି। ଉଠିବନି ବା କେମିତି ? ପାଗ ବଦଳିଛି ଯେ। ଲଣ୍ଠନଟେ ଧରି ଅନ୍ଧାର ରାତିରେ ଲେଖୁଛି ଯେ ଲେଖୁଛି। ଅନ୍ଧାର ଦୂରେଇବ କହି କେତେ ଗୀତ ଗାଉଛି। ହେଲେ ଖାଲି ପେଟରେ ଗୀତ ବାହାରୁନି। ସେଥିପାଇଁ ଟାଙ୍ଗିରେ ଢୋକେ ଢୋକେ ପକାଇ ରାତିସାରା ସ୍ଲୋଗାନ ମାରୁଛି। ଫରଚା ହେଲାଣି, ଆଖି ଦୁଇଟି ପୂର୍ବ ଆକାଶ ପରି ରକ୍ତିମ ଦିଶୁଛି ସତ ହେଲେ ମଉଳା ମୁହଁରୁ ଦୁର୍ଗନ୍ଧ ବାହାରୁଛି।

ବାଦଲ ପାଇଁ ଏଇଟା ହିଁ ବେପାର ବେଉସା ସମୟ। ଭଲ ପାର୍ଟି ଗୋଟେ ଦେଖି ପ୍ରଚାର ପ୍ରସାର କଲେ ଦି ପଇସା ମିଳେ। କେତେବେଳେ ସମର୍ଥନ ପାର୍ଟିରୁ ତ ଆଉ କେତେବେଳେ ବିରୋଧୀ ଦଳରୁ। ହଁ ଏ କଥା ମାତ୍ର ସତ ଯେ ବାଦଲ ଯୋଉ ଦଳର ପ୍ରଚାର ପାଇଁ ଲାଗିବ ସେ ଦଳ ଏତେ ସହଜରେ ହାରିବ ନାହିଁ। ହେଲେ ଏଥର ଟିକେ ଅଲଗା ଖେଳ ଖେଳିଛି। ବିରୋଧି ଦଳ ସହିତ ହାତ ମିଶାଇଛି। ଗତ ଥର କୁଆଡେ ସରପଞ୍ଚ ଆଞ୍ଜା ପେଞ୍ଚ କାଢ଼ିଲେ ପରସେଣ୍ଟଜ ଦେବାରେ। ତାଛଡା ଝିଅକୁ ଚାକିରୀରେ ଲଗେଇ ଦେବ କହି କିଛି କଲେ ନାହିଁ। ପାଞ୍ଚ ବର୍ଷ ହୋଇଗଲା ଚାକିରୀ ପଛେ ପଛେ ଗୋଡେଇ ପାଠୁଆ ଝିଅଟା ଘରେ ବସିଛି। ସବୁ ମିଛ ଆଶ୍ୱାସନା। ତେଣୁ ଏ ଥର ଦଳ ବଦଳେଇ ଦେଇଛି ପାନେ ଚଖାଇବ ବୋଲି।

କାଠ ଖୁଣ୍ଟକୁ ଧରି ବାରଣ୍ଡାରେ ବସିପଡ଼ିଲା ବାଦଲ। ଝିଅ ସ୍ୱପ୍ନା ଆସି ମୁହଁ ଧୋଇବାକୁ ପାଣି ଡାଲଟେ ବଢ଼ାଇ ଦେଲା। ଝିଅକୁ ଦେଖି ବାଦଲ କହିଲା, ବ୍ୟସ୍ତ ହୁଅନା ସ୍ୱପ୍ନା । ଏଥର ତୋ ଚାକିରୀ ପକ୍କା। ସ୍ତ୍ରୀ ମିନତୀ କହିଲେ, ନାଁ ଟି ଯେମିତି ଗରଜ ସେମିତି। ତମକୁ ଭୁଆଁ ବୁଲାଇବାକୁ ଆଉ କେହି ମିଳୁ ନାହାଁନ୍ତି। ଆମେ ମାଆ ଝିଅ ଦୁହେଁ ଅଛୁ। ପିଲାଟା ମୋର ଯାଇ ମଉସା ଦୋକାନରେ କାମ ଶିଖୁଛି। ଅଧିକ ପାଠଶାଠ ପଢିଲାନି। ତମେ ଯଦି ଝିଅ କଥା ଚିନ୍ତା କରିଥାନ୍ତ ତେବେ ପିଲାଟା ଆଉ ଦି ଅକ୍ଷର ପଢ଼ିଥାନ୍ତା। ମୁଣ୍ଡ ଉପରେ ବଡ଼ଭଉଣୀର ବିବାହ ଦାୟିତ୍ୱ ନେଇ ଦି ପଇସା ରୋଜଗାରରେ ମନ ବଳାଇଲା। ବାପା ହୋଇ ତମେ କଣ କଲ ? କଣ ନା ରାଜନୀତି କରୁଛି।

ସ୍ୱପ୍ନା ପାଖରେ ବସି କହିଲା। ବାପା ! ତମେ ଏତେ ପରିଶ୍ରମ କରୁଛ। ଦିନ ରାତି ସାରି ଦେଉଛ ଅନ୍ୟ ନାମରେ ସ୍ଲୋଗାନ ଦେଇ। ତମେ ମୋ ପାଇଁ ଏତିକି କାମ କରି ପାରିନ୍ତ ନାହିଁ ? ବାଦଲ ସ୍ୱପ୍ନାର ମୁଣ୍ଡ ସାଉଁଳି କହିଲା ଏଥର ତୋତେ କୋଉ ଗୋଟେ କାମରେ ନିଶ୍ଚୟ ଲଗେଇ ଦେବି ମାଆ। ମୋ ସ୍ୱପ୍ନାର ସପନ ପୁରା କରିବି। ଝିଅ ହସି ଦେଇ କହିଲା, ହଁ ବାପା ! ମୁଁ ଜାଣିଛି, ତମେ ମୋ ପାଇଁ ବହୁତ କିଛି କରି ପାରିବ। ହେଲେ ବାପା ମୋ ସ୍ୱପ୍ନ କାହାଠୁ ସହଯୋଗ ପାଇ ଚାକିରୀ କରିବା ନୁହେଁ। ମୋ ସ୍ୱପ୍ନ ହେଉଛି ଅନେକଙ୍କୁ ସହଯୋଗ କରି ରୋଜଗାରକ୍ଷମ କରାଇବା। ବାଦଲ ଝିଅର ମୁହଁକୁ ଆଁ କରି ଚାହିଁ ରହିଛି। କାନ ଦୁଇଟି ଠେକୁଆ କାନଭଳି ଠିଆ ହୋଇଗଲାଣି। ଝିଅ ଘର ଭିତରକୁ ଯାଇ ଏକ ପୋଷ୍ଟର ଆଣି ବାପାକୁ ଦେଖାଇଲା। ପୋଷ୍ଟର ଦେଖି ବାଦଲର ନାଲିଆ ଆଖି ଦୁଇଟି ଧୋଇ ହୋଇଗଲା ଲୁହରେ। ରାତି ଅନିଦ୍ରା ହୋଇଥିବା ନିଦୁଆ ଆଖି ଦୁଇଟିରୁ ନିଦ ହଜିଗଲା। ଥଣ୍ଡା ପାଣି ଆଞ୍ଜୁଳା ଆଞ୍ଜୁଳା ମୁହଁକୁ ଛାଟି ମୁହଁ ଭଲଭାବେ ସଫା କଲା। ଗାଧୋଇ ସାରି ଠାକୁରଙ୍କ ପାଖରେ ଘିଅ ଦୀପଟିଏ ଲଗାଇ ମୁଣ୍ଡରେ ଚନ୍ଦନ ଟିପାଟେ ମାରିଲା। ଏବେ ଛାତି ତାର ଫୁଲି ଉଠୁଥିଲା। ପୂର୍ବ ଆକାଶରେ ସୂର୍ଯ୍ୟ କିଛି ପାହାଚ ଉପରକୁ ଚଢି ସାରିଲେଣି। ଲମ୍ବା ଲମ୍ବା ପାହୁଣ୍ଡ ପକାଇ ବାଦଲ ଆଗକୁ ମାଡିଚାଲିଛି। ହାତରେ ଧରିଛି ଝିଅର ସରପଞ୍ଚ ପ୍ରାର୍ଥୀ ପାଇଁ ଆବେଦନ ପତ୍ର।

ହସ ହସ ମୁହଁରେ ବାପା ଝିଅ ଘରକୁ ଫେରିଲେ ଘର ଭିତରୁ ପୋଷ୍ଟରଟିକୁ ଆଣି ଗୋଟିଏ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଗୋଟେ କାନ୍ଥରେ ଲାଗିଥିବା ଦୁଇଟି ପୋଷ୍ଟର ପାଖରେ ଏ ପୋଷ୍ଟରଟିକୁ ଲଗାଇଲା। ବୁଢ଼ା ବରଗଛ ମୂଳ ଚାହା ଦୋକାନରେ ଖଟି କରୁଥିବା ବୁନୁଦାଦା କାବା ହୋଇ ଚାହିଁଥିଲା। ଚାଳିଶିଆ ଧରିଥିବାରୁ ଠିକ ଭାବରେ ଦେଖି ପାରୁନାହିଁ । ପାଖକୁ ଯାଇ କହିଲା, ଏ କଣ କିରେ ବାଦଲ ? ତୋ ଝିଅ, ପୁଣି ସରପଞ୍ଚ ! ବାଦଲ କହିଲା ହଁ ବାବୁ, ପାଗ ବଦଳିଛି। ବୁନୁ ଆକାଶକୁ ଚାହିଁଲା। ସବୁ ସେମିତି ଦିଶୁଛି। ସୂର୍ଯ୍ୟ ଯାହା ଉପରକୁ ଉପରକୁ ଉଠୁଛନ୍ତି।




## ସହାନୁଭୂତି


ଆଦ୍ୟାଶା ମହାପାତ୍ର




‘ଗତ ଅଲମ୍ପିକରେ କିଛି ଖେଳାଳିଙ୍କ ବିରଳ କୃତିତ୍ୱ ଦେଶ ପାଇଁ ଆଣି ଦେଲା ଗର୍ବ ଓ ଗୌରବ। ପୁରସ୍କାର ରାଶି ଅଯାଚିତ ଭାବେ ଠୁଳ ହୋଇ ପଡିଲା ସେମାନଙ୍କ ପାଇଁ। ହେଲେ ସେଇ ସ୍ତରକୁ ଯିବା ପାଇଁ ସେମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡିଛି। ସେତେବେଳେ କେହିହେଲେ ବି ସେମାନଙ୍କ ପୃଷ୍ଠପୋଷକ ସାଜି ପାଖରେ ଠିଆ ହୋଇ ନଥିଲେ। ନିଜର ଲଢେଇ ନିଜେ ହିଁ ଲଢ଼ିବାକୁ ହୁଏ’ - ରଜତ ବୁଝାଇଲା ପୁଅ ଅମ୍ଳାନକୁ।-‘ହକି ଖେଳକୁ ଉପଯୁକ୍ତ ପୃଷ୍ଠପୋଷକତା ମିଳିଲା ବୋଲି ସେମାନେ ନିରାଶ କରି ନାହାନ୍ତି ପୃଷ୍ଠପୋଷକଙ୍କୁ କିମ୍ବା ଏ ଦେଶକୁ, ବାବା ! ‘ରଜତକୁ ଯୁକ୍ତି ଛଳରେ କହିଲା ଅମ୍ଳାନ। ପ୍ରକୃତରେ ସେଦିନ କଥା ପଡିଥିଲା ନିଟ୍ ପରୀକ୍ଷାର ରେଜଲ୍ଟକୁ ନେଇ। ଅମ୍ଳାନ ରଖିଥିବା ମାର୍କ ଯେ ସରକାରୀ ମେଡିକାଲ କଲେଜରେ ଆଡ଼ମିଶନ ପାଇଁ ଅନୁପଯୁକ୍ତ ଜଣା ପଡିଲା ପରେ ଏକ ପ୍ରକାର ଅଶାନ୍ତ ପରିବେଶଟିଏ ସୃଷ୍ଟି ହୋଇଥିଲା ଘରେ। ସ୍ୱାଭାବିକ ଭାବେ ରଜତ ବି ମନଦୁଃଖ କରିଥିଲା। ବହୁତ ପରିଶ୍ରମ କରିଥିଲା ବିଚରା। ହେଲେ ସେ ଚାହିଁବା ମୁତାବକ କୌଣସି କୋଚିଂ ସେଣ୍ଟରରେ ତାକୁ ଭର୍ତ୍ତି କରାଇ ପାରିନଥିଲା ରଜତ। ଅସଲ କଥା ହେଉଛି ଆଜିକାଲି କୋଚିଂ ସେଣ୍ଟରମାନେ ଦାବି କରୁଥିବା ଟଙ୍କା ଦେବାକୁ ରଜତ ପାଖରେ ସମ୍ବଳ ନଥିଲା। ତେଣୁ ପରୀକ୍ଷା ପାଇଁ ଘରେ ରହି ମନଦେଇ ପଢିବାକୁ ଏବଂ ନିଜେ ନିଜେ ପ୍ରସ୍ତୁତ ହେବାକୁ ପୁଅକୁ ପ୍ରବର୍ତ୍ତାଇ ଥିଲା ସେ। ଏତିକିବେଳେ ମାମୁଁ ଫୋନ୍ କରିଛନ୍ତି ବୋଲି କହି ପୁଅ ଫୋନ୍ ବଢାଇ ଦେଲା ରଜତ ହାତକୁ। ନିଟ୍ ପରୀକ୍ଷାରେ ଅମ୍ଳାନର ରେଜଲ୍ଟ ଜାଣିବା ପାଇଁ ଯେ ସେ ଫୋନ୍ କରିଥିବେ କଥା ହେବା ଆଗରୁ ରଜତ ବୁଝି ପାରିଲା। ସବୁ କଥା ଶୁଣି ସାରିବା ପରେ, କୌଣସି କୋଚିଂ ସେଣ୍ଟରରେ ଜଏନ୍ କରିଥିଲେ ପୁଅ ହୁଏତ ଆଜି ଭଲ ଖବର ଶୁଣାଇଥାନ୍ତା ବୋଲି ପ୍ରବୋଧନା ଦେଲେ ସେ । ଏକଥା ଶୁଣି କୋଚିଙ୍ଗ ସେଣ୍ଟର ପଠାଇବାକୁ ମାମୁଁଙ୍କୁ ସେତେବେଳେ କାହିଁକି ପଇସା ମାଗିଲନି ବୋଲି ଅଭିମାନ ବଶତଃ କହିଲା ଦୁଃଖରେ ମ୍ରିୟମାଣ ଥିବା ପୁଅ।

-‘ଆରେ ତୋ ମାମୁଁ ଝିଅ ବାହାଘରରେ ଅନେକ ଖର୍ଚ୍ଚାନ୍ତ ହୋଇ ସାରିଥିଲେ ସେତେବେଳେ, ଆଉ ଏପର୍ଯ୍ୟନ୍ତ ବି ଧାର ଉଧାରରେ ବୁଡି ରହିଛନ୍ତି । ‘ପୁଅକୁ ବୁଝାଇବାକୁ ଚେଷ୍ଟା କଲା ରଜତ।’ ତାହେଲେ ବନ୍ଧୁବାନ୍ଧବଙ୍କଠାରୁ କିମ୍ବା ତୁମର କୌଣସି ସାଙ୍ଗଙ୍କ ଠାରୁ ଉଧାର ତ ଆଣି ପାରିଥାନ୍ତ ! ‘ଆକ୍ଷେପ କଲା



ଭଳି କହିଲା ପୁଅ।

-‘ତୁ ବୁଝୁନୁ କାହିଁକି ? ମୋ ସାଙ୍ଗମାନେ ହୁଅନ୍ତୁ ବା ବନ୍ଧୁବାନ୍ଧବ, ସେମାନେ ନିଜ ନିଜ ଆୟରେ ସଂସାର ଚଳାଉଛନ୍ତି। ସେମାନଙ୍କ ସହିତ କେବେ ଫୋନରେ ବା ଦେଖା ହୋଇ କଥା ହେଲେ, ଆଗ ସେଇ ଅଭାବ ଅସୁବିଧାରୁ ହିଁ କଥା ଆରମ୍ଭ କରନ୍ତି ସେମାନେ। କିଏ କହେ ବ୍ୟାଙ୍କ ଲୋନ୍ କଥା ତ କିଏ କହେ ପଇସା ଅଭାବରୁ କାର କିମ୍ବା ଜାଗାଟିଏ କିଣି ନପାରିବାର ଦୁଃଖ କଥା । ଆଉ କିଏ ବଖାଣେ ପୁଅ କିମ୍ବା ଝିଅର ପଢା ପଛରେ ହେଉଥିବା ଖର୍ଚ୍ଚର ହିସାବ ତ କେହି କେହି କହି ବସନ୍ତି ପିଲାମାନଙ୍କର ଅଯଥା ଖର୍ଚ୍ଚର ବୃତ୍ତାନ୍ତ ଏବଂ ସେମାନେ ଭୋଗୁଥିବା ମାନସିକ ଯନ୍ତ୍ରଣାର କଥା। ମୋର ଆଉ ଇଛା ହୁଏନା ନିଜର ଅସୁବିଧା କଥା ସେମାନଙ୍କ ଆଗରେ କହିବା ପାଇଁ। ‘ଅପେକ୍ଷାକୃତ ନରମ ସ୍ୱରରେ ରଜତ କହିଲା ପୁଅକୁ। ହେଲେ ପୁଅ ଯେ ତା’ର ଉତ୍ତରରେ ସନ୍ତୁଷ୍ଟ ନୁହେଁ, ବୁଝି ହେଉଥିଲା ତା ଭାବଭଙ୍ଗୀରୁ।

-‘ଶୁଣ୍ ଗୋଟିଏ କଥା। ମୁଁ ଯେତେବେଳେ ଚାକିରୀରେ ଥିଲି, ଯଥେଷ୍ଟ ପଇସା ରୋଜଗାର କରୁଥିଲି। ଜାଗା କିଣି, ଘରଦ୍ୱାର ଏବଂ ଆସବାବପତ୍ର ତିଆରି କରିବାରେ ମୋର ଖୁସି ଥିଲା। ସେତେବେଳେ ତ ଥରକ ପାଇଁ କାହା ସୁବିଧା ଅସୁବିଧା କଥା ମନରେ ଆସୁନଥିଲା। କାହାରି ଭଲ ମନ୍ଦ କଥା ପଚାରୁ ନଥିଲି। ଆତ୍ମସର୍ବସ୍ୱ ଥିଲି। ଏବେ ପ୍ରାଇଭେଟ୍ କମ୍ପାନୀରୁ ଚାକିରି ଗଲାପରେ, ସେମାନେ କ’ଣ ପାଇଁ ମୋର ସୁବିଧା ଅସୁବିଧା କଥା ବୁଝିବାକୁ ଯିବେ ? ସେମାନେ କ’ଣ ପାଇଁ ମୋତେ ସହାନୁଭୂତି ଦେଖାଇବାକୁ ଆଗେଇ ଆସିବେ.. ?’ ରଜତର କଥାରେ ଏଥର ତୁନି ପଡିଥିଲା ଅବୁଝା ପୁଅ।

+ନୂଆପଡା,କଟକ

## ଦୃଶ୍ୟାନ୍ତର




ଶ୍ରୀନିବାସ ସେଠୀ




‘ ଓମ୍ ଆଶ୍ରୟ ନିଳୟ’ ।

ଏଇଟା କିନ୍ତୁ ପୂରାପୂରି ବାର୍ଦ୍ଧକ୍ୟ ଆଶ୍ରମ ଭଳି ନୁହେଁ । ଏଇଠି ଯେଉଁମାନେ ରୁହନ୍ତି, ତାଙ୍କ ପାଇଁ ମାସକୁ ମାସ ପଇସା ଦେବାକୁ ପଡେ। ଚାକିରି ଅବସର ପ୍ରାପ୍ତ ହୋଇଥିଲେ, ତାଙ୍କ ପେନସନ ପଇସାରୁ ଦିଅନ୍ତି । ଆଉ କେହି କେହି ଉଚ୍ଚ ଶିକ୍ଷିତ ପୁଅ ବୋହୂ ବାପା ମାଆଙ୍କ ବାର୍ଦ୍ଧକ୍ୟକୁ ଏକ ଜଞ୍ଜାଳ ଭାବି ଏଇଠି ଆସି ଛାଡ଼ି ଦେଇ ଯାଆନ୍ତି ।

ଏଠି ସବୁ ବ୍ୟବସ୍ଥା ଥାଏ । କାମ ଦାମ କରିଦେବା ପାଇଁ ଲୋକ ରଖା ଯାଇଥାଏ। ବୁଢ଼ା ବୁଢ଼ୀ ମାନଙ୍କ ଭଲ ଯତ୍ନ ନିଆଯାଏ , ଭଲ ଭଲ ଖାଇବାକୁ ଦିଆଯାଏ। ବୁଢ଼ା ବୁଢ଼ୀ ଖାଇବେ ବା କ’ଣ ! ଯେତେ ସେବା କରିଲେ ବି କେମିତି ଗୋଟିଏ ଉଦାସ ଭାବ, ନୁଖିଲା ଶୁଖିଲା, ନିରସ ଦେଖା ଯାଉଥାନ୍ତି। ମନକୁ ମନ ଏକୁଟିଆ ହସନ୍ତି । ହଠାତ୍ ହସୁ ହସୁ କ’ଣ ହୁଏ କେଜାଣି କାନ୍ଦି ପକାନ୍ତି । ଖାଇବା ଟେବୁଲ ପାଖରେ ବସି କ’ଣ ମନେ ପଡେ କେଜାଣି ଅଳ୍ପ ଟିକିଏ ପାଟିରେ ଦେଇ , ଖାଇବା ଥାଳି ପାଖରୁ ଉଠି ଚାଲିଯାନ୍ତି । କୌଣସି ଅବହେଳା ହେଲେବି କିଛି ପ୍ରତିବାଦ କରନ୍ତିନି । ବରଂ ଓଲଟା କୁହନ୍ତି, ‘ପର ଲୋକ, ନିଜର ହୋଇ ଯେତକ କରୁଛନ୍ତି ସେତକ ଯଥେଷ୍ଟ ।’

ଜଣେ ଆସି ମୋତେ ଡାକି ଦେଇଗଲା, ‘ପରମେଶ୍ୱର ବାବୁ ! ଆପଣଙ୍କୁ ଦେଖା କରିବାକୁ ଆସି ରିସେପସନରେ ଜଣେ କେହି ଅପେକ୍ଷା କରିଛନ୍ତି।’

ସାଧାରଣତଃ ଏଠାକୁ କେହି ଦେଖା କରିବାକୁ ଆସନ୍ତି ନାହିଁ। କେବେ କେବେ କିଛି କାମ ଥିଲେ ଆସନ୍ତି। କେହି ଦେଖା କରିବାକୁ ଆସିଲେ, ଏଠାକାର ବାସିନ୍ଦା ମାନେ ନିଜକୁ ଭାଗ୍ୟବାନ ମନେ କରନ୍ତି ।

ମୁଁ କହିଲି , ‘କାହାର ପୁଣି ସହାନୁଭୂତି ଏ ବୁଢାଟା ଉପରେ ।’

- ‘କେହି ନୁହେଁ ଆଜ୍ଞା ! ନିଜ ପୁଅ ପରା !’ ମୋ ସାଥୀ କେତେ ଜଣ ଖୁସି ହୋଇ କହିପକାଇଲେ ।

- ‘ଆମେ ଜାଣିଥିଲୁ ତୁମେ ଏ ଆଶ୍ରମରେ ଆମ ସହିତ ବେଶି ଦିନ ରହିବ ନାହିଁ । ଦେଖିଲ ତ ! ମାତ୍ର ସାତଦିନ ହୋଇନାହିଁ, ପୁଅ ଆସି ପୁଣି ହାଜର । ଛାଡ଼ି ଦେଇ ଚାଲିଗଲା ସିନା, ମନ ତ ଗୋଡେଇ ହେଉଥିବ । ଠିକ୍ ଅଛି, ଲୁଗାପଟା ନେଇ ଏକାଥରେ ତଳକୁ ଚାଲ । ଭୁଲିବନି ଆମକୁ ଭାଇ ।’

ସେମାନେ ନିଜ ତରଫରୁ ଏତେ ସବୁ ଭାବି କହିଗଲେ । ମୋର କିନ୍ତୁ ମନେ ପଡୁଥିଲା ସେଇ ପଛ ଦିନସବୁ। ପୁଅକୁ ବୁର୍ଲା ଇଂଜିନିୟରିଂ କଲେଜ ସାଉଥ୍ ହଷ୍ଟେଲରେ ଛାଡି ଆସିଲା ପରେ କେମିତି ସାରା ଘରଟା ଖାଁ ଖାଁ ଲାଗୁଥିଲା। ସ୍ତ୍ରୀ ସାବିତ୍ରୀ ମଧ କାନ୍ଦୁଥିଲା। ଲାଗୁଥିଲା ହୃଦୟର ଟୁକୁଡାଟିକୁ କୁଆଡ଼େ ଛାଡ଼ି ଆସିଲି । ପୁଣି ଚାରିଦିନ ପରେ ହଷ୍ଟେଲ ଦଉଡ଼ି ଯାଇଥିଲି । ହଷ୍ଟେଲର ରିସେପ୍ସନ ପାଖରେ ଏଇମିତି ପୁଅକୁ ଦେଖିବା ପାଇଁ ଅପେକ୍ଷା କରି ବସିଥିଲି। ଆଜି ପୁଅ ଓ ବୋହୂ ସଫ୍ଟୱେର ଇଞ୍ଜିନିୟର। କିନ୍ତୁ ଭାଗ୍ୟ ! ଆଜି ମୋ ପାଇଁ ମୋ ପୁଅ ଅପେକ୍ଷା କରି ବସିଛି ରିସେପ୍ସନ ପାଖରେ। ଏ ଦିନ ବି ଦେଖିବାର ଥିଲା । ହୁଏତ ତା ମନ ମୋ ପାଇଁ ଗୋଡେଇ ହେଉଥିବ । ମୋ ସହ ତଳକୁ ସମସ୍ତେ ଆସିଲେ । ତଳେ ପୁଅ ବସିଥିଲା, ଉଠି ସମସ୍ତଙ୍କୁ ନମସ୍କାର କଲା । ମୁଁ ହଠାତ ‘ବନି’କୁ ଦେଖି ବହୁତ ଖୁସି ହୋଇଗଲି। ବନି ମୋ ଘରର ପୋଷା କୁକୁର । ମୋତେ ଦେଖି ‘ଭୋ’ ‘ଭୋ’ ଡାକି କୁଦାମାରି ଉପରକୁ ଚଢ଼ିଗଲା । ଆଖି, କାନ , ମୁହଁକୁ ଚାଟି ଚାଲିଥିଲା । କି ଖୁସିରେ !

-‘ବାପା ! ଏ ବନିକୁ ତୁମେ ଆବଶ୍ୟକତା ଠୁ ଅଧିକ ସ୍ନେହ କରି ଖରାପ କରି ଦେଇଛ। ତୁମେ ଏଠାକୁ ଆସିଲା ଦିନଠୁ ନା ଖାଉଛି ଠିକ୍‌ରେ , ନା ପିଉଛି । ଗେଟ୍ ପାଖରେ ସାରା ଦିନ ଘାଲେଇ ପଡି କାହା ଆସିବାକୁ ଅପେକ୍ଷା କରୁଛି ।’

‘ଆହାଃ , ବିଚରା ଜୀବଟା !’ ମୋ ସାଥୀମାନେ କହି ପକାଇଲେ । ମୁଁ ଦେଖୁଥିଲି , ସତକୁ ସତ ବନି ଖୁବ୍ ପତଳା ହୋଇ ଯାଇଛି । ଠିକରେ ଖାଉନି ନା କ’ଣ । ତା ଆଖି ତଳେ ଲୁହ ଜମି ଜମି କେମିତି ପାଣିଚିଆ ଲାଗୁଛି ଆଖି ।

-‘ ତୁ କୌଣସି ଭର୍ଟିନାରି ଡକ୍ଟରକୁ ଦେଖାଇଥିଲ ?’

- ‘ ହଁ, ଭି .ଏସ୍ . ଦାସ ବାବୁଙ୍କୁ ଦେଖାଇଥିଲି । ପାଞ୍ଚ ଶହ ଟଙ୍କା ଫିଜ୍ ନେଇ ମାତ୍ର ଏତିକି କହିଲେ, ବନିର କୌଣସି ବେମାର ନାହିଁ , ସେ ସବୁବେଳେ କହାକୁ ଖୋଜି ହେଉଛି। ମଣିଷ ପରି ଏ ସବୁ ଜୀବଙ୍କର ମନ ବି । ସେମାନେ ବି ଝୁରି ହୁଅନ୍ତି । ତେଣୁ ତାକୁ ନେଇ ଆସିଲି ଏଠାକୁ, ହୁଏତ ତୁମକୁ ଦେଖି ଠିକ ହୋଇଯିବ।’

ବନି ମୋତେ ଦେଖି ସତକୁ ସତ ଠିକ ହୋଇଗଲା । ମୋ ହାତରୁ ଭାତ, ଡାଲି, ତରକାରୀ ଖୁବ୍ ଖାଇଲା। ଲାଗୁଥିଲା ଅନେକ ଦିନ ପରେ ସେ ମନଭରି ଯେମିତି ଖାଉଛି । ତା ପରେ ମୋ କୋଳକୁ ଆସି ଶୋଇପଡିଲା। ପୁଣି ଉଠି ପଡ଼ି ମୋ ସାଙ୍ଗ ବୁଢ଼ାମାନଙ୍କ ପାଦକୁ ଛୁଇଁ, ମୁହଁ ଯାକି କୁଁ, କୁଁ ଶବ୍ଦ କରୁଥିଲା । ମୁଁ ତା ଭାବ ଭଙ୍ଗୀ ବୁଝି ପାରୁଥିଲି । ସେ ବହୁତ ଖୁସି ଅଛି । ଏଠାରୁ ନ ଯିବାକୁ ସୁପାରିଶ କରୁଛି ।

ତା ପରେ ପୁଅ କହିଲା , ‘ବାପା, ଆମେ ଯିବା ଏଥର। ସଞ୍ଜ ହୋଇ ଆସିଲାଣି। ପୁଣି ଆସନ୍ତା ରବିବାର ମୁଁ ବନିକୁ ନେଇ ଆସିବି। ଏଇମିତି କିଛି ଦିନ ପରେ ଧୀରେ ଧୀରେ ଆଡଜଷ୍ଟ୍ ହୋଇ ସେ ଭୁଲିଯିବ । ତୁମେ ବି ଧୀରେ ଧୀରେ ଭୁଲିଯିବ ।’

ମୋ ସାଙ୍ଗ ଭାଇମାନେ ଉଦାସ ହୋଇ ଉପର ରୁମ୍‌କୁ ପଳାଇ ଗଲେ । ଯିବା ସମୟରେ କହିଗଲେ, ‘ପରମେଶ୍ୱର ! ଜଲଦି ଆସିବ । ସାଙ୍ଗରେ ମିଶି ଚା ପିଇବା।’

ବନିକୁ ମଣ୍ଟୁ ଟାଣି ଟାଣି ନେବା ସମୟରେ ସେ ଜୋର ଜୋରରେ ଭୁକୁଥିଲା । ମୋ ଧୋତିକୁ ଦାନ୍ତରେ ଚାପି ଧରି ଟାଣୁଥିଲା । ସେ ବଡ ଅସହାୟ ଲାଗୁଥିଲା । ମୁଁ ତାକୁ କୋଳରେ ଯାକି ଧରି କହିଲି , - ‘ବନି ! ତୁ ଯା, ମୋତେ ଛାଡ଼ି ତୋତେ ଏଥର ବଞ୍ଚିବାକୁ ହେବରେ।’

ବାସ୍, ଏତିକି କଥାରେ ବନି ଚୁପ୍ ହେଇଗଲା । ସେ ତା ଲାଙ୍ଗୁଳକୁ ପଛ ପାଦ ପାଖରେ ଯାକି ଧରି ମଣ୍ଟୁ ସାଙ୍ଗରେ ଆଗକୁ ଆଗକୁ ଚାଲିଲା । ସେ ଅଭିମାନ କଲେ ହାରି ଯାଇଥିବା ଭଙ୍ଗିରେ ପଛରେ ତା ଲାଙ୍ଗୁଳକୁ ଛୁପାଇଦିଏ। ସେ ଗଲା ଯେ ଆଉ ଥରେ ବି ପଛକୁ ବୁଲି ଚାହିଁଲା ନାହିଁ ମୋ ଆଡକୁ । ସତରେ କେତେ ଅଭିମାନ ! ମୁଁ ରବିବାର ଦିନକୁ ଚାହିଁ ବସିଥିଲି। ଆଜି ମଣ୍ଟୁ କହିଥିଲା ବନିକୁ ନେଇ ଆସିବ ବୋଲି । ସେ ପଛଥର ଚାରିଟା ପାଖାପାଖି ଆସିଥିଲା। ମୁଁ ତେଣୁ ତିନିଟା ପାଖରୁ ଆସି ତଳେ ଆଶ୍ରମ ଫାଟକ ସାମନାକୁ ମୁହଁ କରି ବସିଛି। ତିନିଟା ପାରି ହୋଇ ଚାରିଟା ହେଲା । ପୁଣି ପାଞ୍ଚ । ନା ମଣ୍ଟୁ ଆସୁ ନଥିଲା । ଏବେ ଯେମିତି ଯେମିତି ସମୟ ବଢୁଥିଲା , ମୋ ଛାତି ଖାଲି କୋରି କୋରି ହୋଇ ଯାଉଥିଲା । ଅନ୍ଧାର ହୋଇ ଆସିଲା । ମୁଁ ଉପରକୁ ଉଠିଲି । ମୋ ପାଖରେ ଚାଲିବାକୁ କିନ୍ତୁ ଶକ୍ତି ନଥିଲା । ମୋ ପାଇଁ ବିସ୍କୁଟ ଓ ଚାହା ସେମିତି ଟେବୁଲ୍ ଉପରେ ଥଣ୍ଡା ହୋଇ ବସିଥିଲା। ଦୃଶ୍ୟାନ୍ତରର ଗୋଟିଏ ବୁଡି ଯାଉଥିବା ସୂର୍ଯ୍ୟ ପରି ମୋ ଥର ଥର ହାତରୁ ଆଶ୍ରମର ଶସ୍ତା ବିସ୍କୁଟଟି ଚାହା ପାଣିରେ ଖସି ପଡ଼ି ମିଳେଇ ଯାଇଥିଲା, ମିଳେଇ ଯାଇଥିଲା ଏକ ଦେଶୀ ମାୟା ।

ମୁଁ ଖଟରେ ଶୋଇପଡୁ ପଡୁ କହିଲି , ‘ବନି ! ଏଇମିତି କ’ଣ କେହି କାହା ପାଇଁ ବଞ୍ଚିବା ଛାଡ଼ି ଦିଏ ? ଅନ୍ତତଃ ମଣିଷ ପାଖରେ ରହି କିଛି ଶିଖିଥାନ୍ତୁ, କେମିତି ନିଜ ଲୋକଙ୍କୁ ଜଞ୍ଜାଳ ଭାବି, ଛାଡିଦେଇ ଶାନ୍ତିରେ ବଞ୍ଚିହୁଏ ।


+ସଦସ୍ୟ ସଚିବ, ରେଲୱେ ଭର୍ତ୍ତି ବୋର୍ଡ ,
ରେଲ୍ ମିନାର, ଆଲିପୁର
ଜଜେଶ୍ କୋର୍ଟ ରୋଡ୍, କଲିକତା
ମୋବାଇଲ ନମ୍ବର ୯୦୦୨୦୨୦୬୦୪




# ଗରିବ ଜନତାଙ୍କୁ ପ୍ରତାରଣା କରୁଛନ୍ତି ରାଜ୍ୟ ସରକାର : ସମୀର ମହାନ୍ତି

ଭୁବନେଶ୍ୱର,୨୦/୨ (ନି.ପ୍ର): ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଧାନ ମଣ୍ଡି ବ୍ୟବସ୍ଥା କାରଣରୁ ନିଆଳି ଅଂଚଳର ଚାଷିକୂଳ ନିଜ କଷ୍ଟ ଉପାର୍ଜିତ ଧାନକୁ ଅଳ୍ପ ମୂଲ୍ୟରେ ମିଲରଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି । ରାଜ୍ୟରେ ମହିଳା ଓ ଶିଶୁମାନେ ଆଜି ଅସୁରକ୍ଷିତ ହୋଇପଡିଛନ୍ତି ।। ନିଆଳିର ଜନତା ବର୍ତମାନ ପରିବର୍ତନ ମୁହାଁ ହୋଇଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ସମଗ୍ର ଓଡିଶାବାସୀ ଶାସକ ବିଜେଡିକୁ ଏହାର ଉଚିତ୍ ଜବାବ୍ ଦେବେ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି କଟକ ଜିଲ୍ଲା ନିଆଳିର ଜୋନ-୨୨ର ନୁଆଗାଁ, ନିଆଳି, ଜଲ୍ଲାରପୁର, କପାସୀ, ବାହାରଣା ପଂଚାୟତର ବିଭିନ୍ନ ଗ୍ରାମଂଚଳରେ ଦଳୀୟ ପ୍ରାର୍ଥିନୀ ମଧୁସ୍ମିତା ମଲ୍ଲିକ(ରୋଜୀ)ଙ୍କ ସପକ୍ଷରେ ଭୋଟ ପ୍ରଚାର କରିଛନ୍ତି । ଏହି ପ୍ରଚାରବେଳେ ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାଁର ବିକାଶ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିଥିବାବେଳେ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଓଡିଶାବାସୀ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରୁ ଲୋକେ ବଂଚିତ ହେଉଛନ୍ତି । ଗାଁରେ ଭଲ ରାସ୍ତା ନାହିଁ । କେନ୍ଦ୍ରରୁ ଆସୁଥିବା ଅର୍ଥକୁ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀ ଖାଇ ଅଂଚଳର ନୁହଁ ନିଜର ସ୍ଥିତିକୁ ସୁଧାରୁଛନ୍ତି । ମିଛ ବିଲ୍ କରି କେନ୍ଦ୍ରରୁ ଆସୁଥିବା କୋଟି କୋଟି ଟଙ୍କା ବିଜେଡିର ସ୍ଥାନୀୟ ନେତା ଓ କର୍ମୀମାନେ ନିଜ ଭିତରେ ବାଂଟି ନେଉଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ସମେତ ଅନେକ କେନ୍ଦ୍ରୀୟ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପରିବର୍ତେ ଦଳୀୟ ଭିତିରେ ଧନୀ ବିଜେଡି କର୍ମୀଙ୍କୁ ବଂଟନ କରି



ଗରୀବ ଜନତାଙ୍କୁ ପ୍ରତାରଣା କରୁଛନ୍ତି ରାଜ୍ୟ ସରକାର । ରାଜ୍ୟର ଗ୍ରାମଂଚଳର ବିକାଶ ପାଇଁ ମୋଦି ସରକାର ପଠାଉଥିବା ଟଙ୍କାକୁ ଶତ ପ୍ରତିଶତ ଖର୍ଚ୍ଚ କରି ଜୀବନ ଧାରଣମାନ ଉନ୍ନତି ଆଣିବାକୁ ହେଲେ ଦକ୍ଷ ନେତୃତ୍ୱ ଏବଂ ସୁଦୃଢ଼ ଜିଲ୍ଲା ପରିଷଦ ନେତୃତ୍ୱର ଆବଶ୍ୟକତା ରହିଛି । ଭାରତୀୟ ଜନତା ପାର୍ଟିକୁ ନେଇ ଲୋକମାନଙ୍କର ଯେଉଁ ସ୍ନେହଶ୍ରଦ୍ଧା ପ୍ରକାଶ ପାଇଛି ତାହା ଏଥର ପଂଚାୟତ ନିର୍ବାଚନରେ ଭୋଟରେ ରୂପାନ୍ତରିତ ହୋଇ ବିଜୟ ସୁନିର୍ଶ୍ଚିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ନିଆଳି ବିଧାୟକ ପ୍ରାର୍ଥୀ ଛବି ମଲ୍ଲିକ, ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ କୁମାର ଦାସ, ମଣ୍ଡଳ ସଭାପତି ପିଂଟୁ ଲେଙ୍କାଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ଦେଶର ବିଭିନ୍ନ ପ୍ରାନ୍ତକୁ ୩୧୧ ଟ୍ରେନ ଫ୍ଲାଏ-ଆଶପରିବହନ


ଭୁବନେଶ୍ୱର,୨୦/୨ (ନି.ପ୍ର): ପରିବେଶ ନିର୍ଦ୍ଦେଶାବଳୀ ଅନୁସରଣ କରି ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ପ୍ରାନ୍ତକୁ ୩୧୧ ରେଲ୍(ଟ୍ରେନ) ଫ୍ଲାଏ-ଆଶ(ଶିଳ୍ପ ସଂସ୍ଥାରୁ ନିର୍ଗତ ପାଉଁଶ) ପରିବହନ କରିଛି । ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍(ବିଡିୟୁ)ର ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଛି ।

ଗ୍ରାହକ ଏବଂ ଶିଳ୍ପ ସହିତ ବାରମ୍ବାର ଯୋଗାଯୋଗରେ ଥାଇ ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ ରେଳ ମାଧ୍ୟମରେ ବିଭିନ୍ନ ଅଣ-ବଲ୍କ ସାମଗ୍ରୀ ଟ୍ରାଫିକ୍ ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ କରିଛି । ପରିବହନ କ୍ଷେତ୍ରରେ ରେଳବାଇର ଅଂଶ ବୃଦ୍ଧି କରାଇବା ଏବଂ ସଡ଼କରୁ ରେଳ ମାଧ୍ୟମରେ ମୋଡାଲ ଗମନାଗମନକୁ ସୁନିର୍ଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପରିସୀମାରେ ଥିବା ଶିଳ୍ପସଂସ୍ଥାଗୁଡ଼ିକରୁ ଦେଶର ବିଭିନ୍ନ ଗନ୍ତବ୍ୟ ସ୍ଥାନକୁ ଫ୍ଲାଏ-ଆଶ ପରିବହନ ପାଇଁ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ପଦକ୍ଷେପ ନେଇଛି । ପାରମ୍ପାରିକ ପରିବହନ ଢାଂଚାରେ ରେଳବାଇର ଅଂଶକୁ ମଜବୁତ କରିବା ଏବଂ ରେଳବାଇକୁ ଅଧିକ ଟ୍ରାଫିକ୍ ଆକର୍ଷିତ କରିବା ପାଇଁ ଏହା ହେଉଛି ଗୋଟିଏ ପଦକ୍ଷେପ ।

ଫ୍ଲାଏ-ଆଶ ପରିବହନରେ ଅଂଶଗ୍ରହଣକାରୀମାନେ ପରିବେଶ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଫ୍ଲାଏ-ଆଶକୁ ଶତପ୍ରତିଶତ ବ୍ୟବହାର ପାଇଁ ମିଳିତ ପ୍ରୟାସ କରିବାକୁ ସହମତି ପ୍ରକାଶ କରିଛନ୍ତି ଏବଂ ଫ୍ଲାଏ-ଆଶ ଉତ୍ପାଦକ, ପରିବହନକାରୀ ଏବଂ ଶେଷ ଉପଭୋକ୍ତାଙ୍କ ମିଳିତ ପ୍ରୟାସରେ ଏହାକୁ ସୁନିର୍ଶ୍ଚିତ କରିଛନ୍ତି । ରେଳ ଦ୍ୱାରା ଫ୍ଲାଏ-ଆଶ ପରିବହନ ପାଇଁ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ କ୍ରମାଗତ ଭାବରେ ଥର୍ମାଲ୍ ପାୱାର୍ ପ୍ଲାଂଟ, ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟ, ଆଲୁମିନିୟମ୍ ସ୍ମେଲଟର ପ୍ଲାଂଟ ଏବଂ ସିମେଂଟ ପ୍ଲାଂଟର ପ୍ରତିନିଧୀଙ୍କୁ ନିରନ୍ତର ଭାବେ ଯୋଗାଯୋଗ କରିଆସୁଅଛି । ୧୫ ସେପଟ୍ମେର, ୨୦୨୦ ଠାରୁ ଫ୍ଲାଏ-ଆଶ ପରିବହନ ପ୍ରାରମ୍ଭ କରି ବର୍ତମାନ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୩୧୧ ରେକ୍(ସାମଗ୍ରୀ ଟ୍ରେନ୍) ଫ୍ଲାଏ-ଆଶକୁ ଦେଶର ବିଭିନ୍ନ ସ୍ଥାନକୁ ପରିବହନ କରିସାରିଛି । ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରୁ ୧୪୧ ଟି ରେକ ଫ୍ଲାଏ-ଆଶ, ସମ୍ବଲପୁରରୁ ୧୩୮ଟି ଏବଂ ୱାଲଟିୟର ରେଳମଣ୍ଡଳରୁ ୩୨ଟି ରେକ୍ ଫ୍ଲାଏ-ଆଶ ଏପର୍ଯ୍ୟନ୍ତ ପରିବହନ କରାଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୯୧ ଟି ରେକ୍ ଦ୍ୱାରା ପ୍ରାୟ ୦.୩୫୬ ନିୟୁତ ଟନ ଫ୍ଲାଏ-ଆଶ ପରିବହନ କରିଥିଲା । ଚଳିତ ଆର୍ଥିକ ବର୍ଷ ସମାପ୍ତି ପୂର୍ବରୁ, ତଥା ୧ ଏପ୍ରିଲରୁ ୧୬ ଫେବୃଆରୀ, ୨୦୨୨ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଦେଶର ବିଭିନ୍ନ ସ୍ଥାନକୁ ୨୨୦ ରେକ୍ ଦ୍ୱାରା ପ୍ରାୟ ୦.୮୪୭ ନିୟୁତ ଟନ ପରିବହନ କରିସାରିଲାଣି । ଏଥିମଧ୍ୟରୁ ଅନୁଗୁଳ ଅଂଚଳରୁ ୯୯ ଟି ରେକ୍, ସମ୍ବଲପୁର ଅଂଚଳରୁ ୯୧ ଟି ରେକ୍ ଏବଂ କୋରାପୁଟ ଓ ବିଶାଖାପାଟନମ୍ ଅଂଚଳରୁ ୩୦ ଟି ରେକ୍ ଅନ୍ତର୍ଭୁକ୍ତ । ମୋଟାମୋଟି ଭାବେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ପ୍ରାନ୍ତକୁ ପ୍ରାୟ ୧.୨୦ ନିୟୁତ ଟନ ଫ୍ଲାଏ-ଆଶ ପରିବହନ କରାଯାଇ ପାରିଛି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୪୯୨ କରୋନା ପଜିଟିଭ ଚିହ୍ନଟ : ୧୨୨ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୦/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୯୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୮୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୦୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୨୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୯୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୩ ଜଣ, ବାଲେଶ୍ୱରରୁ ୯ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୯ ଜଣ, ବଲାଙ୍ଗୀରରୁ ୨ ଜଣ, ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୩୨ ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳରୁ ୫ ଜଣ, ଗଜପତିରୁ ୨୬, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୩୬ ଜଣ, ଝାରସୁଗୁଡ଼ାରୁ ୧୧ ଜଣ, କଳାହାଣ୍ଡିରୁ ୩ ଜଣ, କନ୍ଧମାଳରୁ ୯ ଜଣ, କେନ୍ଦ୍ରାପଡ଼ାରୁ ୧୨ ଜଣ, କେଉଁଝରରୁ ୩ ଜଣ, ଖୋର୍ଦ୍ଧାରୁ ୪୫ ଜଣ, କୋରାପୁଟରୁ ୨୪ ଜଣ, ମାଲକାନଗିରିରୁ ୩ ଜଣ,



ମୟୁରଭଞ୍ଜରୁ ୧୮ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୧୬ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୮ ଜଣ, ରାୟଗଡ଼ାରୁ ୪୫ ଜଣ, ସମ୍ବଲପୁରରୁ ୩୮ ଜଣ, ସୋନପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୯୬ ଜଣ ଓ ଷ୍ଟେଟ ପୁଲରୁ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୨, ୪୮୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୬୭, ୧୦୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬,୩୦୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ବିଜେଡିର ଭୋଟ ସୁରକ୍ଷା ପାଇଁ ସରକାରୀ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି : ବିଜେପି

ଭୁବନେଶ୍ୱର,୨୦/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଆଚରଣ ବିଧିକୁ ଶାସକ ବିଜୁ ଜନତା ଦଳ ବାରମ୍ବାର ଉଲଘଂନ କରୁଥିବା ଅଭିଯୋଗରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ବିଜେପିର ପ୍ରତିନିଧି ଦଳ । ଶାସକ ବିଜେଡିର ସୁରକ୍ଷାରେ ସରକାରୀ କର୍ମଚାରୀମାନେ ନିଜ କ୍ଷମତାର ଅପବ୍ୟବାହାର କରି ଶାସକ ବିଜେଡି ସପକ୍ଷରେ ପ୍ରଚାର କରିବା ସହିତ ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି । ଏଭଳି ବହୁ ଘଟଣାମାନ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେବା ସତ୍ୱେ ସରକାରୀ କର୍ମଚାରୀମାନେ ନିର୍ଭୟରେ ଶାସକ ବିଜେଡିର କର୍ମୀ ଭଳି କାର୍ଯ୍ୟ କରୁଛନ୍ତି । ଏହି ତାଲିକାରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ, ତହସିଲଦାର, ସରକାରୀ ଶିକ୍ଷକମାନେ ଅନ୍ତର୍ଭୁକ୍ତ । ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ ବିହୀତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ବୋଲି ବିଜେପି ଦାବୀ ଜଣାଇଛି ବୋଲି ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ଅବସରରେ ପ୍ରତିନିଧି ଦଳର ସଦସ୍ୟ ତଥା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଗତ କାଲି ୨ୟ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଭୋଟିଂ ସମୟରେ ଏଭଳି କିଛି ଘଟଣା ଘଟିଥିବାର ସାମ୍ନାକୁ ଆସିଛି । ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ "ଆତ୍ମା"ର ଚେୟାରମ୍ୟାନ ନିଜେ ଶାସକ ବିଜେଡ଼ିର ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି । ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ନନ୍ଦାହାଣ୍ଡି ବ୍ଲକ କୃଷି ଅଧିକାରୀ ଶ୍ରୀ ନାରାୟଣ ରଥ ନିଜ କ୍ଷମତାର ଅପବ୍ୟବହାର କରି ଏବଂ ବିଜେଡି ଏଜେଂଟ ସାଜି ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ କରାଇବା ପାଇଁ ଚାଷୀଙ୍କ ଅକାଉଂଟକୁ ୧୩୦୦ଟଙ୍କା ଦେଇଛନ୍ତି । ଯାହାକି ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ । ଯଥାଶୀଘ୍ର ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ବିଜେପି ଧାରଣ ଦେବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ ବିଡିଓ ଶାସକ ବିଜେଡିର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଗତ କାଲି ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ଭିଡିଓ ଭାଇରାଲ ହୋଇଛି । ତାଙ୍କ ବିରୁଦ୍ଧରେ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ପୁଣି ଥରେ ସନ୍ଦେହ ଦୃଢୀଭୁତ ହୋଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଏହି ପ୍ରତିନିଧି ଦଳରେ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲସେଲର ରବିଶଙ୍କର ପଟ୍ଟନାୟକ, ଜୟନ୍ତ ଜେନା ଓ ମହେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଜନଶୁଣାଣିକୁ ବିରୋଧରେ ସମାଜବାଦୀ ପାର୍ଟିର ବିକ୍ଷୋଭ

ଭୁବନେଶ୍ୱର,୨୦/୨ (ନି.ପ୍ର): ବିଦ୍ୟୁତ୍ ଦରବୃଦ୍ଧିକୁ ନେଇ ଓଇଆରସି(ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ)ରେ ଚାଲିଥିବା ଶୁଣାଣିକୁ ବିରୋଧ କରି ଆଜି ସମାଜବାଦୀ ପାର୍ଟି ପକ୍ଷରୁ ଓଇଆରସି କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି । କରୋନା ମହାମାରୀ କାଳରେ ଜୀବନଜୀବିକା ସଂକଟରେ ଥିବା ବେଳେ ବିଦ୍ୟୁତ୍ ଦରବୃଦ୍ଧି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି । ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ନାୟକ, ବରିଷ୍ଠ ନେତା ବିଜୟ ବେହେରା, ହୃଷୀକେଶ ଷଡ଼ଙ୍ଗୀ, ବିଶ୍ୱଜିତ ମଲ୍ଲିକ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ କୁମାର ପ୍ରଧାନ, ସୁରେନ୍ଦ୍ର ସୋରେନ ପ୍ରମୁଖ ବିଜୁଳି ଦରବୃଦ୍ଧି ନେଇ ଆସିଥିବା ସମସ୍ତ ଆବେଦନକୁ ଖାରଜ କରିବାକୁ କମିସନଙ୍କୁ ନିବେଦନ କରିଛନ୍ତି । ଏହାକୁ ବେଖାତିର କରି ଓଇଆରସି କର୍ତୃପକ୍ଷ ଯଦି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରନ୍ତି, ତେବେ ଗାଁ ଗଣ୍ଡା ପର୍ଯ୍ୟନ୍ତ ଗଣଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ପାର୍ଟି ଅଭିଯୋଗ କରିଛି, ବିଗତ ଆର୍ଥିକ ବର୍ଷରେ ୟୁନିଟ୍ ପିଛା ବିଦ୍ୟୁତ୍ ଶୁଳ୍କ ଦୁଇ ଥରରେ ସରକାର ୫୦ପଇସା ବୃଦ୍ଧି କରିଛନ୍ତି । ୧୯୯୪-୯୫ ମସିହାରେ ଆଜିକୁ ୨୭ବର୍ଷ ତଳେ ଓଡ଼ିଶାରେ ବିଦ୍ୟୁତ୍ ସଂସ୍କାର ଓ ଘରୋଇକରଣ ଆରମ୍ଭ ହୋଇଥିଲା । କିନ୍ତୁ ସଂସ୍କାର ହେବାର ୨୭ ବର୍ଷ ପରେ ମଧ ବିଜୁଳି ମହଙ୍ଗା ହେବାରେ ଲାଗିଛି । ସରବରାହ ଜନିତ କ୍ଷତିକୁ ଭରଣା କରିବା ପାଇଁ ଆବଣ୍ଟନକାରୀ ସଂସ୍ଥା ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ବୋଝକୁ ରାଜ୍ୟବାସୀଙ୍କ ଉପରେ ପ୍ରତିବର୍ଷ ଲଦି ଚାଲିଛନ୍ତି । ସରବରାହ ଜନିତ କ୍ଷତି (ଟ୍ରାନ୍ସମିସନ୍ ଲସ୍)କୁ ନ କମାଇ ଦରବୃଦ୍ଧି ପାଇଁ କମ୍ପାନିମାନେ ଆବେଦନ କରିଛନ୍ତି । ୧୫ ତାରିଖଠାରୁ ଓଇଆରସି ଏହି କମ୍ପାନିମାନଙ୍କର ଆବେଦନର ଜନଶୁଣାଣି ଚଳାଇଛନ୍ତି । ଆଜି ଗ୍ରିଡ୍କୋ ପକ୍ଷରୁ ବିଦ୍ୟୁତ୍ ଶୁଳ୍କକୁ ୨.୯୬ଟଙ୍କାରୁ ୩.୮୩ ଟଙ୍କା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ସେହିଭଳି ଆଗାମୀ ଦିନରେ ଟିପିସିଓଡିଏଲ୍‌ର ଜନଶୁଣାଣିକୁ ମଧ ବିରୋଧ କରାଯିବ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି ।

# ଲାବଣ୍ୟାକୁ ନ୍ୟାୟ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏବିଭିପିର ମହମବତୀ ଶୋଭାଯାତ୍ରା

ଭୁବନେଶ୍ୱର,୨୦/୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଲାବନ୍ୟାକୁ ନ୍ୟାୟ ଓ ଅସମ୍ବିଧାନିକ ଭାବେ ଗିରଫ କରାଯାଇଥିବା କାର୍ଯ୍ୟକର୍ତାଙ୍କୁ ଛାଡିବା ସହ ଲାବଣ୍ୟାକୁ ନ୍ୟାୟ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ମହମବତୀ ଶୋଭାଯାତ୍ରା କରାଯାଇଛି । ବିଶ୍ୱବିଦ୍ୟାଳୟ ଗାନ୍ଧୀପାର୍କରୁ ମୁଖ୍ୟ ଫାଟକ ଯାଏଁ ଏହି ଶୋଭାଯାତ୍ରା ହୋଇଛି । ତାମିଲନାଡୁର ତଂଜାବୁର ସେକ୍ରେଟ ହାର୍ଟସ ହାଇସ୍କୁଲର ଛାତ୍ରୀ ଲାବନ୍ୟାଙ୍କୁ ସ୍କୁଲ୍ କର୍ମଚାରୀ ରାକଲିନ୍ ମେରି ଏବଂ ସାଗାୟା ମେରିଙ୍କ ଦ୍ୱାରା ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ବାରମ୍ବାର ନିର୍ଯାତନା ଦେବା ହେତୁ ସେ ଆତ୍ମହତ୍ୟା କରିଥିଲେ । ଏହାକୁ ବିରୋଧ ସହ ଲାବନ୍ୟାକୁ ନ୍ୟାୟ ଦାବି ପାଇଁ ଏବିଭିପିର ରାଷ୍ଟ୍ରୀୟ ସଂପାଦିକା ନିଧୀ ତ୍ରିପାଠୀ ସହ ୩୫ ଜଣ କାର୍ଯ୍ୟକର୍ତା ତାମିଲନାଡୁରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବା ବେଳେ ତାମିଲନାଡୁର ଡିଏମକେ ସରକାର ପୋଲିସ ଲଗାଇ ବଳପୂର୍ବକ ଭାବରେ ତାଙ୍କୁ ଗିରଫ କରିଛି । ମୃତ ଛାତ୍ରୀ ଜଣକ ତାଙ୍କ ଭିଡ଼ିଓ ବିବୃତିରେ ଉଲ୍ଲେଖ କରିଛନ୍ତି ଯେ ରାକଲିନ୍ ମେରୀ କିପରି ତାଙ୍କ ଧର୍ମ ଗ୍ରହଣ କରିବାକୁ ତାଙ୍କ ପିତାମାତାଙ୍କୁ ଚାପ ଦେଇଥିଲେ । ଏହା ଦୁର୍ଭାଗ୍ୟଜନକ ଯେ ଛାତ୍ରୀଙ୍କ ଭିଡିଓ ସାମ୍ନାକୁ ଆସିବା ଏବଂ ତାଙ୍କ ମାଙ୍କ ସାକ୍ଷ୍ୟ ସରେ, ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହାଁନ୍ତି । ଏହି ଘଟଣାକୁ ଏବିଭିପି ଦୃଢ଼ ନିନ୍ଦା କରିଛି ଏବଂ ଏହି ଆତ୍ମହତ୍ୟା ଘଟଣାର ନିରପେକ୍ଷ ତଥା ସ୍ୱଚ୍ଛ ତଦନ୍ତ କରିବାକୁ ଦାବି କରାଯାଇଛି । ରାଷ୍ଟ୍ରୀୟ ସଂପାଦିକା ନିଧୀ ତ୍ରିପାଠୀଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଅସମ୍ବିଧାନିକ ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି । ଆଜିର ଶୋଭାଯାତ୍ରାରେ ରୋହିତ ପାଢ଼ି, ଚନ୍ଦନ ମାଇଥି, ରଞ୍ଜନ ବଳ, ରଜିତ ନାୟକ, ପଦ୍ମା ରାଓ, ସନ୍ଧ୍ୟାରାଣୀ, ଶ୍ରଦ୍ଧାଞ୍ଜଳି, ଭୁବନେଶ୍ୱରୀ ମିଶ୍ର, ବାବୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡିର ହିଂସାକାଣ୍ଡ ବିରୋଧରେ ଡିଜିପିଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର,୨୦/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨ଟି ପର୍ଯ୍ୟାୟ ଶେଷ ହୋଇଛି ଏବଂ ଏହି ୨ ପର୍ଯ୍ୟାୟ ଭୋଟିଂରେ ରେକର୍ଡ ପରିମାଣର ହିଂସାକାଣ୍ଡ ଘଟିଛି । ପ୍ରାୟ ହିଂସାକାଣ୍ଡ ଓ ବୁଥ୍ ରିଗିଂରେ ଶାସକ ବିଜେଡିର ସଂପୃକ୍ତି ପଦାରେ ପଡିଛି । ବିଜେଡି କର୍ମୀ ହିଂସାକାଣ୍ଡ ଓ ବୁଥ୍ ରିଗିଂ କରୁଥିବାବେଳେ ପୋଲିସ ପ୍ରଶାସନ ଦେଖି ନଦେଖିଲା ଭଳି ନୀରବଦ୍ରଷ୍ଟା ସାଜିଛି । ଆଗାମୀ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ହେଉଥିବା ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେଇ ଭୋଟରଙ୍କ ମନରୁ ଭୟ ଦୂର କରି ନିର୍ବାଚନକୁ ଶୃଙ୍ଖଳିତ କରିବାକୁ ପୋଲିସ ଡିଜିଙ୍କ ନିକଟରେ ବିଜେପି ଦାବୀ କରିଛି ।

ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀ ଏବଂ କେଉଁଠି ସୁରକ୍ଷା ଦାୟୀତ୍ୱରେ ଥିବା ପୋଲିସ ଶାସକ ବିଜେଡି ସପକ୍ଷରେ ଭୋଟ ହାତେଇବା ପାଇଁ ଟଙ୍କା ବାଂଟୁଛନ୍ତି । ପଂଚାୟତ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ମୁକ୍ତ ଓ ନିରପେକ୍ଷ କରିବାରେ ପୋଲିସର ଅବହେଳା କାରଣରୁ ଗଣତନ୍ତ୍ର ଆଜି ବିପଦରେ ପଡିଛି । ପୋଲିସର ପକ୍ଷପାତିତା କାରଣରୁ ସାଧାରଣ ଭୋଟର ଆଜି ନିଜକୁ ଅସୁରକ୍ଷିତ ମଣି ଭୋଟ ଦେଇପାରୁନାହାନ୍ତି । ବହୁ ସ୍ଥାନରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଏବଂ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଅନ୍ୟ ଅଧିକାରୀମାନେ ମିଳିମିଶି ଶାସକ ବିଜେଡି ସପକ୍ଷରେ ଭୋଟ କରାଉଥିବାବେଳେ ପୋଲିସ ତାଙ୍କୁ ପ୍ରତ୍ୟକ୍ଷ ସହାୟତା କରୁଥିବାର ବହୁ ପ୍ରମାଣ ଲୋକଲୋଚନକୁ ଆସିଛି । ଓଡିଶା ପଂଚାୟତ ଆଇନ-୧୯୬୪ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାରେ ଥିବା କୌଣସି ସରକାରୀ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କିମ୍ବା କାର୍ଯ୍ୟ କରିପାରିବେ ନାହିଁ । ତେଣୁ ଆଇନ ଭଙ୍ଗକାରୀ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଡିଜିଙ୍କ ନିକଟରେ ବିଜେପି ଦାବୀ ଜଣାଇଛି ।

ଭୋଟ ଗଣତି ବ୍ୟବସ୍ଥାରେ ରାଜ୍ୟ ନିର୍ବାଚନ କମିଶନ ପରିବର୍ତନ କରିଥିବାରୁ ସମସ୍ତ ଭୋଟ ବାକ୍ସ ସଂଗୃହୀତ ହୋଇ ଷ୍ଟ୍ରଙ୍ଗ୍ ରୁମରେ ରହୁଛି । ଭୋଟ ଗଣତି ପର୍ଯ୍ୟନ୍ତ ଷ୍ଟ୍ରଙ୍ଗ୍ ରୁମକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖିବା ସହ ଭୋଟ ଗଣତି ଦିନରେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ବିଜେପି ତରଫରୁ ଦାବୀ କରାଯାଇଛି ।

ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲୀକ, , ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଶାନ୍ତି, ମୈତ୍ରୀ, ସଦ୍‌ଭାବନା ଭଳି ଶବ୍ଦ ସସ୍ମିତ ପାତ୍ରଙ୍କ ମୁହଁରେ ଶୋଭା ପାଏ ନାହିଁ : ଦିଲୀପ ମଲ୍ଲିକ

ଭୁବନେଶ୍ୱର,୨୦/୨ (ନି.ପ୍ର): ଶାନ୍ତି, ମୈତ୍ରୀ, ସଦଭାବନା ଭଳି ଶବ୍ଦ ସସ୍ମିତ ପାତ୍ରଙ୍କ ମୁହଁରେ ଶୋଭା ପାଏ ନାହିଁ । ବରଂ ଏହା 'ସଇତାନର ବେଦ ପାଠ' ସଦୃଶ ବୋଲି ରାଜ୍ୟ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି । ଗତକାଲି ସସ୍ମିତ ପାତ୍ର ଦେଇଥିବା ବକ୍ତବ୍ୟର ଜବାବରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ ସସ୍ମିତ ପାତ୍ର ତାଙ୍କ ନିଜ ଇତିହାସକୁ ଭୁଲି ଯିବା କଥା ନୁହେଁ । ଦଙ୍ଗା ଓ ହିଂସାକାଣ୍ଡରେ ସଂପୃକ୍ତି କାରଣରୁ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟ ଆଧାରରେ ଏକ ରାଷ୍ଟ୍ରୀୟ ଦଳରୁ ତଡା ଖାଇଥିବା ଡ.ପାତ୍ର ନିଜ ଅତୀତକୁ ଭଲ ଭାବେ ସ୍ମରଣ କରି ତାଙ୍କ ଉପରେ ଆସିଥିବା ଅଭିଯୋଗର ଉତର ଦେବା ପରିବର୍ତେ ଏବେକୁ ବଡ ପାଟିରେ ମିଛ କହିବା ବନ୍ଦ କରନ୍ତୁ । ଶାସକ ବିଜେଡିକୁ ପରାଜୟର ଭୟ ଘାରିଛି । ଏହି କାରଣରୁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ରାଜ୍ୟରେ ରାଜନୈତିକ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ପଂଚାୟତ ନିର୍ବାଚନରେ ଶାସକ ବିଜେଡି କର୍ମୀଙ୍କ ହିଂସା ଓ ଗୁଣ୍ଡାଗର୍ଦ୍ଦିକୁ ପୋଲିସ ପ୍ରଶାସନ ଆଖି ବନ୍ଦ କରି ନୀରବଦ୍ରଷ୍ଟା ସାଜିଛି କାହିଁକି ? ଆଜି ମଧ ୨ୟ ପଂଚାୟତ ନିର୍ବାଚନ ଭୋଟିଂ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ରିଗିଂ ଭଳି ବହୁ ଘଟଣାମାନ ସାମ୍ନାକୁ ଆସିଛି । ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଗଂଜାମର ଚିକିଟି, ଭଦ୍ରକ ଜିଲ୍ଲା ଚାନ୍ଦବାଲି, ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲା ସମେତ ବହୁ ସ୍ଥାନରେ ଘଟି ଯାଇଥିବା ହିଂସାକାଣ୍ଡରେ ଶାସକ ବିଜେଡିର ସଂପୃକ୍ତି ପଦାରେ ପଡିଛି । ଏପରିକି ଗଣମାଧମ ପ୍ରତିନିଧିମାନେ ଶାସକ ବିଜେଡିର ଆକ୍ରମଣର ଶିକାର ହୋଇଛନ୍ତି । ଅପର ପକ୍ଷେ ହିଂସା ଓ ଅଶାନ୍ତ ବାତାବରଣ ସୃଷ୍ଟିକାରୀଙ୍କୁ ନିଜ ଦଳରେ ପ୍ରାଧାନ୍ୟ ଦେଇ ରାଜ୍ୟରେ ଅରାଜକତାକୁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିକାରୀଙ୍କୁ ପ୍ରଚାରରେ ବ୍ୟବହାର କରୁଛି ବିଜେଡି : ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୨୦/୨ (ନି.ପ୍ର): ଶାସକ ବିଜେଡିକୁ ପରାଜୟର ଭୟ ଘାରିଥିବାରୁ ମିଶନ ଶକ୍ତି ନାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଂଚାୟତ ନିର୍ବାଚନ କାର୍ଯ୍ୟରେ ବିଜେଡି ବ୍ୟବହାର କରୁଛି ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଚଳିତ ପଂଚାୟତ ନିର୍ବାଚନ ସମୟରେ ମିଶନ ଶକ୍ତିର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି । ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ନିଜର ଦାୟୀତ୍ୱ ଓ କର୍ତବ୍ୟକୁ ଭୁଲିଯାଇ ପଂଚାୟତ ନିର୍ବାଚନରେ ଶାସକ ଦଳ ସପକ୍ଷରେ ଭୋଟ ପ୍ରଚାର କରୁଛି । ଡିପିଏମ (ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନେଜର), ବିପିଏମ(ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର), ଏମବିକେ, ସିଆରପିମାନଙ୍କୁ ରାଜନୈତିକ କର୍ମୀଭାବେ ଶାସକ ଦଳ ପାଇଁ ଭୋଟ ସଂଗ୍ରହ କାର୍ଯ୍ୟରେ ଲଗାଉଛନ୍ତି ମିଶନ ଶକ୍ତିର ରାଜ୍ୟସ୍ତରୀୟ ଅଧିକାରୀମାନେ । ଏସଏଚଜି ଗ୍ରୁପମାନଙ୍କୁ ଏବେ ୨୫ହଜାର ଟଙ୍କା ଋଣ ଭାବରେ ସରକାର ଦେଉଛନ୍ତି, କିନ୍ତୁ ଏହା ବିଜୁ ଜନତା ଦଳ ଦେଉଛି ବୋଲି ମିଶନ ଶକ୍ତି ଅଧିକାରୀମାନେ ପ୍ରଚାର କାର୍ଯ୍ୟ କରୁଛନ୍ତି । ନିର୍ବାଚନ ସମୟରେ ଋଣ ବାବଦକୁ ୨୫ହଜାର ଦିଆଯିବାର ପ୍ରଚାର କରିବା ସଂପୂର୍ଣ୍ଣ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଏବଂ ନିର୍ବାଚନ ଚାଲୁଥିବା ସମୟରେ ଏକଥା ନିର୍ବାଚନ ଆଚରଣ ବିଧିକୁ ଉଲଘଂନ କରୁଥିବା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ଡିପିଏମ, ବିପିଏମ, ଏମବିକେ, ସିଆରପି ଓ ମିଶନଶକ୍ତିର ଦାୟିତ୍ୱରେ ଥିବା ସମସ୍ତଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ନିର୍ବାଚନ କାର୍ଯ୍ୟରେ ଶାସକ ବିଜେଡି ଦଳୀୟ କାର୍ଯ୍ୟରେ ବ୍ୟବହାର ନକରିବାକୁ ଶ୍ରୀମତୀ ପଟ୍ଟନାୟକ ଦାବୀ କରିଛନ୍ତି । ରାଜ୍ୟରେ ମହିଳା ସଶକ୍ତିକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ସମ୍ମାନକୁ ଛାଡି ଏକ ନିର୍ଦ୍ଦିଷ୍ଟ ରାଜନୈତକ ଦଳର କର୍ମୀଭାବେ କାର୍ଯ୍ୟ ନକରିବାକୁ ମିଶନ ଶକ୍ତିର ବିଭିନ୍ନ ଦାୟିତ୍ୱରେ ଥିବା ମାଁ ଓ ଭଉଣୀମାନଙ୍କୁ ଶ୍ରୀମତୀ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଜା ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

## ଧର୍ମପ୍ରାଣା ତଥା ସମାଜସେବୀ ମହିଳାଙ୍କ ପରଲୋକ

ଜଳେଶ୍ୱର, ୨୦/୨(ନିପ୍ର) : ଭୋଗରାଇ ବ୍ଲକର ସୁଲତାରପୁର ଗ୍ରାମର ସ୍ୱର୍ଗତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହଧର୍ମିଣୀ ବରଦାମଣୀ ଜେନାଙ୍କ ଆଜି ରବିବାର ମଧ୍ୟାହ୍ନରେ ୮୫ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ଧର୍ମପ୍ରାଣା ତଥା ସମାଜସେବୀ, ପରପୋକାରୀ, ମିଷ୍ଟଭାଷୀ, ମହିଳା ଥିଲେ । କେତେକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ । ଗାଁର ବିଭିନ୍ନ କାର୍ଯ୍ୟରେ ତାଙ୍କର ସହଯୋଗ ରହୁଥିଲା । ସେ କିଛିମାସ ଧରି ବାର୍ଦ୍ଧକ୍ୟ ଜନୀତ ରୋଗରେ ପିଡିତ ଥିଲେ। ତାଙ୍କ ମୃତ୍ୟୁ ବେଳେ ତାଙ୍କର ଦୁଇ ପୁଅ ହିମାଂଶୁ, ସୁଧାଂଶୁ, ଝିଅ ଝାନ୍ସୀ, କୁନି, ଛବି, ବୋହୂମାନେ, ନାତି ତାନୁଶୀ ଓ ଜ୍ୱାଇଁ ମାନେ ଉପସ୍ଥିତ ଥିଲେ। ସମାଜ ଖବର କାଗଜର ବରିଷ୍ଠ ସାମ୍ବାଦିକ ତଥା ଜାମାତା ଅବନୀ ଚାନ୍ଦ ମୃତ୍ୟ ଶର୍ଯ୍ୟ ନିକଟରେ ଉପସ୍ଥିତ ରହି ଅଶୃଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ପୁଅ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ଗ୍ରାମର ବହୁ ବ୍ୟକ୍ତି ବରଦାକାନ୍ତ କର, କାହ୍ନୁଚରଣ ସାହୁ, ପ୍ରାଣକୃଷ୍ଣ ନାୟକ, ଅମ୍ବିକା ଜେନା ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

## ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ କଂଗ୍ରେସର ନିନ୍ଦା

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ସେବା ଦଳର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ରାଜ୍ୟରେ ହେଉଥିବା ପଂଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ କର୍ତବ୍ୟରତ ସାମ୍ବାଦିକମାନଙ୍କ ଉପରେ ଅସାମାଜିକ ତତ୍ୱମାନଙ୍କର ଆକ୍ରମଣ ତଥା ଶାରୀରିକ ବଳ ପ୍ରୟୋଗକୁ ଦୃଢ ଭାବେ ନିନ୍ଦା କରିବା ସହିତ ଏହା ଗଣତନ୍ତ୍ର ପାଇଁ ବିପଦ ବୋଲି କହିଛନ୍ତି। ରାଜ୍ୟରେ ଏକ ପୋଲିସ୍ ପ୍ରଶାସନ ଥିବା ଭଳି ମନେ କରାଯାଉ ନାହିଁ ବୋଲି କଂଗ୍ରେସ ଦଳ ଅନୁଭବ କରୁଛି। ପୋଲିସ୍ ବାହିନୀର ସମ୍ମୁଖରେ କର୍ତବ୍ୟରତ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ହେଉଛି। ପୋଲିସ୍ ଜାଣିଶୁଣି ଆଖି ବୁଜିଦେଉଛି। ଏହି ଅସାମାଜିକ ତତ୍ୱମାନଙ୍କ ଉପରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଡଃ ଜ୍ଞାନେନ୍ଦ୍ର ଅନୁରୋଧ କରିବା ସହ ପୋଲିସ୍ ପ୍ରଶାସନ ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି।

## ସମୀର ୱାନଖେଡ଼େଙ୍କ ବିରୁଦ୍ଧରେ ମାମଲା ରୁଜୁ

ମୁମ୍ବାଇ, ୨୦/୦୨ (ନି.ପ୍ର): ନାର୍କୋଟିକ୍ସ କଂଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି)ର ପୂର୍ବର ଜୋନାଲ୍ ମ୍ୟାନେଜର ସମୀର ୱାନଖେଡ଼େଙ୍କ ବିରୁଦ୍ଧରେ ଥାନେର କୋପରୀ ପୋଲିସ୍ ଷ୍ଟେସନରେ ମିଛ ସୂଚନା ଦେଇ ମଦ ବିକ୍ରି ଓ ବାର୍ ତଥା ହୋଟେଲ ଚଲାଇବାର ଲାଇସେନ୍ସ ପ୍ରାପ୍ତ କରିବାର ମାମଲା ରୁଜୁ କରାଯାଇଛି। ଏହି ଅଭିଯୋଗ ଉତରପ୍ରଦେଶ ଓ ଔଷଧି ପ୍ରଶାସନ ବିଭାଗ(ଏକ୍ସସାଇଜ୍ ବିଭାଗ)ର ଅଧିକାରୀ ଶଙ୍କର ଗୋଗାବଲେ ଶନିବାର ରାତି କୋପରୀ ପୋଲିସ୍ ଷ୍ଟେସନରେ ଦେଇଛନ୍ତି। ଏହି ଅଭିଯୋଗର ଗଭୀର ଯାଂଚ ଜାରି ରହିଛି।

# ନୂତନ କୋର୍ଟ ବିଲଡିଂ ବିବାଦ : ହାଇକୋର୍ଟ ବିଚାରପତିଙ୍କ ସହ ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ



ବାରିପଦା, ୨୦/୦୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ତଥା ମୟୂରଭଞ୍ଜ ଜିଲ୍ଲାର ପର୍ଟଫୋଲିଓ ଶ୍ରୀଯୁକ ଶତୃଘ୍ନ ପୂଜାହାରୀ ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତି ଶ୍ରୀଯୁକ୍ତ ଦେବବ୍ରତ ଦାଶ ଏବଂ ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟ୍ଟନାୟକ ଜିଲ୍ଲା ଓକିଲ ସଂଘକୁ ପହଂଚି ଆଇନଜୀବି ମାନଙ୍କ ଗହଣରେ କଚେରୀ ପରିସର ବୁଲି ଦେଖିବା ସହିତ ଓକିଲ ସଂଘର ସଭାଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ବାରିପଦା କୋର୍ଟର ନୂତନ ବିଲଡିଂ ନିର୍ମାଣ ସମ୍ପନ୍ଧରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ସଂଘର ସଭାପତି ପ୍ରବୀର କୁମାର ବସାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସଂଘର ସମ୍ପାଦକ ବସନ୍ତ କୁମାର ଭୋଳ ସ୍ୱାଗତ ଭାଷଣ ଦେଇଥିଲେ । ମାନ୍ୟବର ବିଚାରପତି ତଥା ପୋର୍ଟ ଫୋଲିଓ ଜଜ୍ ଉପସ୍ଥିତ ଆଇନଜୀବି ମାନଙ୍କ ସହ ଆଲୋଚନା କରି କୋର୍ଟ ବିଲଡିଂ କେଉଁଠି ତିଆରି କରାଯିବ ଏ ପର୍ଯ୍ୟନ୍ତ ସ୍ଥିର ହୋଇନଥିବା କିମ୍ବା ଓକିଲ ସଂଘ ସହିତ ଆଲୋଚନା ନକରି କୌଣସି ଚୂଡ଼ାନ୍ତ ନିଷ୍ପରି ନିଆଯିବ ନାହିଁ ବୋଲି କହିଥିଲେ । ତାଙ୍କର ପ୍ରତିଶ୍ରୁତି ପରେ ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଦେବବ୍ରତ ଦାଶ କୋର୍ଟ ବିଲଡିଂ ବିଷୟରେ ସୂଚନା ଦେବା ସଂଗେ ସଂଗେ ଉପସ୍ଥିତ ଆଇନଜୀବି ମାନଙ୍କୁ ପ୍ରକୃତ ତଥ୍ୟ ଅବଗତ କରାଇଥିଲେ । ସଂଘର ସଭାଗୃହରେ ସଭା ସମାପ୍ତ ହେବା ପରେ ଏ.ଡି.ଆର. କକ୍ଷରେ ମଧ ସଂଘର ପ୍ରତିନିଧିଦଳ ଏବଂ ଦୁଇ ମାନ୍ୟବର ବିଚାରପତିଙ୍କ ସହିତ ଆଲୋଚନା କରିଥିଲେ । ଆଜିର ଆଲୋଚନା ଫଳପ୍ରଦ ହୋଇଥିବାରୁ ନୂତନ କୋର୍ଟ ବିଲଡିଂ କୋର୍ଟ ସଂଲଗ୍ନ ଜାଗାରେ ନିର୍ମାଣ ହେବାର ପଥ ପରିଷ୍କାର ହୋଇ ଥିବାର ଜଣା ଯାଇଛି । ଏବଂ ଏଥିପାଇଁ ଯେଉଁସବୁ ଅସୁବିଧା ରହିଛି ତାହା ଶୀଘ୍ର ସମାଧାନ ହେବ ବୋଲି କୁହାଯାଇଛି । ତେବେ ଅତିଶୀଘ୍ର ନୂତନ କୋର୍ଟ ବିଲଡିଂ ନିର୍ମାଣ ହେବାର ବିଶ୍ୱାସଯୋଗ୍ୟ ଆଶ୍ୱାସନା ମିଳିଥିବା ହେତୁ ଓକିଲ ସଂଘ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ଏବଂ ଆସନ୍ତା ସୋମବାର ଠାରୁ ଆଇନଜୀବି ମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାଯାଇଛି । ବୈଠକରେ ସଂଘର ସଭାପତି ପ୍ରବୀର କୁମାର ବସା, ଉପସଭାପତି ସୁଜାତା ମିଶ୍ର ଏବଂ ସଂଘର କର୍ମକର୍ତା କୈଳାସ ପ୍ରସାଦ ସାହୁ, ସହ-ସମ୍ପାଦକ ସ୍ୱରୂପ ମିଶ୍ର, କୋଷାଧକ୍ଷ ଅରବିନ୍ଦ ସାହୁ, ସଦସ୍ୟା ସ୍ୱପ୍ନା ମହାନ୍ତି ପ୍ରମୁଖଙ୍କ ସହିତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କୁ ବାରମ୍ବାର ଆକ୍ରମଣ କରି ଗଣତନ୍ତ୍ରକୁ ବିପଦମୁହାଁ କରୁଛି ବିଜେଡି: ବିଜେପି

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ବିଜୁ ଜନତା ଦଳ ହାରିବା ଭୟରେ ଏବେ ରକ୍ତମୁଖା ପାଲଟିଛି। ଏପରିକି ଗଣମାଧ୍ୟମ ପ୍ରତିନିଧିମାନେ ମଧ ଶାସକ ବିଜେଡିର ଆକ୍ରମଣରୁ ବର୍ତିନାହାନ୍ତି । ସତ୍ୟକୁ ଲୋକଙ୍କ ସାମ୍ନାକୁ ଆଣିବାର ଗୁରୁଦାୟୀତ୍ୱ ବହନ କରୁଥିବା ତଥା ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲାଉଥିବା ଗଣମାଧ୍ୟମ ଏବଂ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କଂଠରୋଧ କରିବା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ। ଗଣମାଧ୍ୟମ ଏବଂ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସର୍ବସାଧାରଣରେ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ଆଉ ଏକ ନଗ୍ନ ଉଦାହରଣ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି । ତ୍ରିସ୍ତରୀୟ ପଚାଂୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଶାସକ ବିଜେଡିର ଦ୍ୱାରା ବ୍ୟାପକ ମାତ୍ରାରେ ନିର୍ବାଚନୀ ଗଣ୍ଡଗୋଳ ଘଟାଇଥିବା ସଂପର୍କରେ ଭାରତୀୟ ଜନତା ପାର୍ଟିର ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ତଥ୍ୟ ଓ ପ୍ରମାଣ ସହ ଅବଗତ କରିଥିଲେ। ଏପରିକି ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ କରାଇବା ସହ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବୀ ଜଣାଇଥିଲେ। ବିହୀତ ପଦକ୍ଷେପ ଗ୍ରହଣ କରାଯାଇଥିଲେ ଆଜି ପୁଣି ସେହି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବିଂଝାରପୁର ବ୍ଲକର ଜରି ପଂଚାୟତ, କୋରେଇ ବ୍ଲକ ଗୋଳେଇପୁର ପଂଚାୟତର ୮,୯,୧୦ ଓ ୧୧ ନମ୍ବର ବୁଥ୍‌ରେ, କେନ୍ଦ୍ରାପଡା ଜିଲ୍ଲା ରାଜନଗରର ତେରା ପଂଚାୟତରେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ଡିମିରିଆ ସମେତ ରାଜ୍ୟର ବହୁ ସ୍ଥାନରେ ଶାସକ ବିଜେଡି ତରଫରୁ ବ୍ୟାପକ ଭାବେ ବୁଥ୍ ରିଗିଂ କରାଯାଇଛି । ଆଜି ୩ୟ ପର୍ଯ୍ୟାୟ ନିର୍ବାଚନ ସମୟରେ ମତଦାନ କେନ୍ଦ୍ରକୁ ଯାଇ ସମ୍ବାଦ ପରିବେଷଣ ସମୟରେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ବାଛୋଳ ପଂଚାୟତରେ ଶାସକ ବିଜେଡିର ଗୁଣ୍ଡାମାନଙ୍କ ମରଣାନ୍ତକ ଆକ୍ରମଣରେ କାର୍ଯ୍ୟରତ ସାମ୍ବାଦିକମାନେ ଅଳ୍ପକେ ମୃତ୍ୟୁମୁଖରୁ ବଂଚି ଯାଇଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଶାସକ ଦଳର ଗୁଣ୍ଡାଗର୍ଦ୍ଦିକୁ ଏବେ ଓଡ଼ିଶାବାସୀ ଜାଣିବା ସହ ଅପାରଗତାକୁ ବୁଝିସାରିଲେଣି। ବିଜୁ ଜନତା ଦଳର ମନ୍ତ୍ରୀ ଓ ନେତାମାନେ ଆଉ ସତ୍ୟକୁ ଲୁଚାଇପାରିବେନି କି ବିରୋଧୀକୁ ଦମନ କରିପାରିବେନି। ବିଜୁ ଜନତା ଦଳ ହିଂସାକାଣ୍ଡରୁ ନିବୃତ ରୁହନ୍ତୁ ନଚେତ ରାଜ୍ୟବାସୀଙ୍କ ଦ୍ୱାରା ଏହାର କୁପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି ।

## ପରିବାରବାଦୀ ମାନଙ୍କର ନିଜସ୍ୱ ଆସନ ମଧ୍ୟ ସୁରକ୍ଷିତ ନାହିଁ : ମୋଦି

ଉନ୍ନାଓ, ୨୦/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବଙ୍କୁ ପରାଜୟର ଭୟ ଘାରିଥିବା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ଯେଉଁ ସିଟରେ ସେ ସବୁଠାରୁ ସୁରକ୍ଷିତ ବୋଲି ଭାବି ନିରାପଦରେ ବସିଛନ୍ତି ସେ ସିଟ୍ ମଧ୍ୟ ହାତରୁ ଖସି ଯାଉଛି । ବର୍ତମାନ ପରିବାର ସଦସ୍ୟଙ୍କ ନିଜସ୍ୱ ଆସନ ମଧ୍ୟ ସୁରକ୍ଷିତ ନୁହେଁ । ଉନ୍ନାଓରେ ଅନୁଷ୍ଠିତ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଆଜି ୟୁପିରେ କେବଳ ଗୋଟିଏ ଗୁଂଜରଣ ହେଉଛି ୨୦୧୭ରେ ପରାସ୍ତ ହୋଇଛି, ୨୦୨୨ରେ ପୁନର୍ବାର ପରାସ୍ତ ହେବ, ୟୁପିର ଲୋକମାନେ କେବଳ ଯୋଗୀଜୀଙ୍କୁ ଆଣିବେ । ସୋସିଆଲ ମିଡ଼ିଆରେ ଅଖିଳେଶ ଯାଦବଙ୍କ ଭାଇରାଲ ହୋଇଥିବା ଏକ ଭିଡ଼ିଓ ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ରାଜନୈତିକ ଦଳର ଜାତୀୟ ସଭାପତି କିପରି ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି, ତାହା ୟୁପିର ପ୍ରତ୍ୟେକ ଘରେ ଦେଖାଯାଉଛି । କରୋନା ଟୀକାକୁ ବିଜେପିର ଟୀକା ବୋଲି ବହୁଜନ ସମାଜବାଦୀ ପାର୍ଟିର ସଭାପତି ଅଖିଳେଶ ଯାଦବ କହିଛନ୍ତି ।

# ଲହଡି ମାଡ଼ରେ ଧରାଶାୟୀ ଝାଉଁ ଜଙ୍ଗଲ: ବିପଦରେ ସମୁଦ୍ରକୂଳିଆ ଗାଁ



ଲଙ୍ଗଳେଶ୍ୱର, ୨୦/୦୨ (ନି.ପ୍ର): ସମୁଦ୍ରର ଲହଡି ମାଡ଼ ରେ ଲୀନ ହେଉଛି ବେଳାଭୂମି ସୁଉଚ୍ଚ ବାଲିବନ୍ଧ ସହ ଧରାଶାୟୀ ହେଉଛି ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ। ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତ ର ଜମ୍ବୀରାଇ, ଚାଉଳତି ଗାଁ ନିକଟ ବେଳାଭୂମି ବେବଙ୍ଗୋପସାଗର ର ଉତ୍ତାଳ ଲହଡି ଯୋଗୁଁ ନିକଟସ୍ଥ ଗ୍ରାମକୁ ରକ୍ଷା କରିବା ପାଇଁ ଥିବା ସୁଉଚ୍ଚ ବାଲି ବନ୍ଧ ସମୁଦ୍ର ଗର୍ଭରେ ଲୀନ ହେବା ସହ ବାଲିବନ୍ଧ ଉପରେ ଥିବା ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲରୁ ପ୍ରତିଦିନ ଗଛ ସବୁ ଧରାଶାୟୀ ହେଉଛି ।ଦୁଇ ଚେନ ଓସାରରେ ଥିବା ଏଇ ବନ୍ଧ ଏବେ ଖାଇ ଖାଇ ପନ୍ଦର କୋଡିଏ ମିଟର ଓସାର ହେଇଗଲାଣି ।ଆଉ ଖୁବ ଅଳ୍ପ ଦିନ ମଧରେ ବାଲି ବନ୍ଧ ସହିତ ଜଙ୍ଗଲ ନିଶ୍ଚିହ୍ନ ହେଇଯିବା ଦ୍ୱାରା ଚାଉଳତି ଗାଁ ସମେତ ଜମ୍ବୀରାଇ, ପଞ୍ଚୁପାଲି, ବଳଙ୍ଗ, କଷାଫଳ, ସାଉଡି ଇତାଡୀ ପଞ୍ଚାୟତ ପଚିଶ ଟି ଗାଁ ସମୁଦ୍ର ଗର୍ଭରେ ଲୀନ ହେଇଯିବାର ସମ୍ଭାବନା ଅଛି ।ଗତ ୟାସ ବାତ୍ୟାରେ ଏହି ସବୁ ଗାଁରେ ସମୁଦ୍ର ଜୁଆର ମାଡି ଧାନ ଚାଷ ଚିଙ୍ଗୁଡ଼ି ଚାଷ, ପରିବା ଚାଷ ସମେତ ବହୁ କ୍ଷୟକ୍ଷତି କରିଥିଲା। ଜମ୍ବୀରାଇ ରାଧା ଶ୍ୟାମ ଭୂୟାଁ ଘର ଆଗରେ ମୁହାଣ ନିକଟରେ ଦୁଇ ଶହ ମିଟର ବାଲି ବନ୍ଧ ସମ୍ପୂର୍ଣ ଧୋଇଯାଇଛି। ତେଣୁ ଖୁବଶୀଘ୍ର ଏହାର ପ୍ରତିକାର ନ କଲେ ଏ ଅଞ୍ଚଳର ପଚିଶ ଟି ଗାଁ ସମୁଦ୍ର ଗର୍ଭରେ ଲୀନ ହେବ ଏଥିରେ ସନ୍ଦେହ ନାହିଁ ।ଏଠାରେ ସୁରକ୍ଷା ବନ୍ଧ ନିର୍ମାଣ ପାଇଁ ସରକାର ଙ୍କ ଠାରେ ବାରମ୍ବାର ଦାବି କରାଯାଇଥିଲେ ମଧ ଏଯାଏଁ କିଛି ସୁଫଳ ମିଳିନି ।

# ନୀଳଗିରିରେ କଂଗ୍ରେସ ପାଇଁ ହାତ ବଢ଼ାଇଲେ ଆଶିଷ ପଟ୍ଟନାୟକ



ନୀଳଗିରି, ୨୦/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନୀଳଗିରି ବ୍ଲକରେ କଂଗ୍ରେସ ଦଳ ବୁଡ଼ିବାକୁ ବସିଥିବା ବେଳେ କଂଗ୍ରେସର ଯୁବନେତା ଆଶିଷ ପଟ୍ଟନାୟକ ହାତ ବଢ଼ାଇ ସମ୍ମାନ ରକ୍ଷା କରିଛନ୍ତି । ବିଗତ ଦିନରେ ନୀଳଗିରି ଥିଲା କଂଗ୍ରେସର ଗଡ଼ । କଂଗ୍ରେସର ଟାଣୁଆ ନେତା ତଥଶ ଦୁଇ ଥର ବିଧାୟକ ହୋଇଥିବା ଅକ୍ଷୟ କୁମାର ଆର୍ଯ୍ୟ ଚଳିତ ପଂଚାୟତ ନିର୍ବାଚନରେ ଚୁପ୍ ରହିବା ଘଟଣା କଂଗ୍ରେସ ଦଳ ପାଇଁ ଏକ ଶକ୍ତ ଧକ୍କା ଲାଗିଛି । ନୀଳଗିରିର ପୂର୍ବତନ କଂଗ୍ରେସ ବିଧାୟକ ସୁକୁମାର ଦାସ ଜିତିଥିବା ବେଳେ ୰କାର୍ତିକ ମହାପାତ୍ରଙ୍କର ନୀଳଗରି କଂଗ୍ରେସର ଦବ୍‌ଦବା ରଖିଥିଲେ। ବିଗତ ଦିନର କଂଗ୍ରେସର ବିଧାୟକ ପ୍ରାର୍ଥୀ ଇଂ. ଦୀପ୍ତିକାନ୍ତ ମହାପାତ୍ର ମଧ ଚଳିତ ନିର୍ବାଚନରେ ଚୁପ୍ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଗତ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀନୀ ହୋଇଥିବା ରାଣୀ ସାହେବା ମନୋଜ ମଂଜରୀ ଦେବୀ ଙ୍କର ଚଳିତ ପଂଚାୟତ ନିର୍ବାଚନରେ ପ୍ରଚାର ମଇଦାନରେ ଦେଖିବାକୁ କମ ମିଳିଛି । ବ୍ଲକ ସଭାପତି ମନରଂଜନ ଦାସ ପଂଚାୟତ ନିର୍ବାଚନରେ ମଙ୍ଗ ଧରିଥିବା ବେଳେ କାତ ପାଉ ନ ଥିବାରୀ ଏକାକୀ ନୌକା ଚଳାଇ ଚାଲିଥିବା ବେଳେ ଧୂମକେତୁ ଭଳି ଯୁବନେତା ଆଶିଷ ପଟ୍ଟନାୟକ ନୀଳଗିରି ରେ ପହଂଚି କଂଗ୍ରେସ ପ୍ରାର୍ଥୀଙ୍କୁ ସାକ୍ଷାତ କରିବା ସହ ବୁଡ଼ି ଯାଉଥିବା କଂଗ୍ରେସ ଦଳକୁ ହାତ ବଢ଼ାଇଛନ୍ତି । ଫଳରେ କଂଗ୍ରେସପ୍ରାର୍ଥୀମାନଙ୍କ ମଧରେ ଆଶିଷ ପଟ୍ଟନାୟକ ପଂହଚିବାରୁ ମନବଳକୁ ସୁଦୃଢ଼ କରିଛନ୍ତି। ଆଶିଷ ପଟ୍ଟନାୟକ ନୀଳଗିରି ଓ ଔପଦା ବ୍ଲକର ବିଭିନ୍ନ ପଂଚାୟତ ଗ୍ରସ୍ତକରି ପ୍ରଚାରର ମଙ୍ଗ ଧରିଛନ୍ତି। କଂଗ୍ରେସ ଦଳକୁ ଜାଗ୍ରତ କରିବା ପାଇଁ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଭୂମିକା ଗୁରୁତ୍ୱ ଥିବା ବେଳେ ତାଙ୍କ ହାତ ଭାଙ୍ଗି ଯାଇଥିବାରୁ ଘରେ ଚିକିତ୍ସିତ ହେବା ଯୋଗୁଁ ତାଙ୍କ ଅନୁପସ୍ଥିତିକୁ ପ୍ରାର୍ଥୀମାନେ ହୃଦୟଙ୍ଗମ କରୁଥିବା ଜଣାପଡ଼ିଛି । ପୁରୁଖା କଂଗ୍ରେସ ନେତାଙ୍କ ସୁପ୍ତ ରାଜନୀତି ପାଇଁ କଂଗ୍ରେସ ଦଳ ନୀଳଗିରିରେ ବୁଡ଼ିଯିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଆଗାମୀ ଦିନରେ ଆଶିଷ ପଟ୍ଟନାୟକ ଦଳର ମଙ୍ଗ ଧରିବା ପାଇଁ କଂଗ୍ରେସ ମହଲରେ ଦାବି ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ହମଲା କରିପାରେ ରୁଷ ....

ରାଷ୍ଟ୍ରପତି ବାଇଡେନ ମଧ ସ୍ଥିତି ଉପରେ ଆଲୋଚନା କରିବାକୁ ଆଜି ବୈଠକ ଡାକିଛନ୍ତି। ଆଜିର ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେବେ ବୋଲି ହ୍ୱାଇଟ ହାଉସ ପକ୍ଷରୁ ସୂଚନା ଦିଆଯାଇଛି। ଜି-୭ ବୈଦେଶିକ ବ୍ୟାପାର ମନ୍ତ୍ରୀମାନଙ୍କ ଗ୍ରୁପ୍ ମଧ ୟୁକ୍ରେନ ସୀମାରୁ ରୁଷ ସୈନ୍ୟ ପ୍ରତ୍ୟାହାର କରୁଥିବାର ଖବର ନଥିବା କହିଛି। ଏଥିସହ ସେମାନେ ମଧ ରୁଷର ଆଚରଣକୁ ନେଇ ଚିନ୍ତା ପ୍ରକଟ କରିଛି। ଏସବୁ ଭିତରେ ସୀମାନ୍ତରେ ଗୁଳିମାଡ଼ ଓ ବିସ୍ଫୋରଣର ଖବର ଆସିଛି। ଏଥିପାଇଁ କିଭ ଓ ମସ୍କୋ ପରସ୍ପରକୁ ଦାୟୀ କରୁଛନ୍ତି। ଦିନକୁ ଦିନ ସ୍ଥିତି ବିଗୁଡୁ ଥିବାରୁ ଜର୍ମାନୀ ଓ ଫ୍ରାନ୍ସ ନିଜ ଦେଶ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ଆମେରିକାର ବୈଦେଶିକ ସଚିବ ଲୟଡ ଅଷ୍ଟିନ ମଧ ରୁଷର ଆଚରଣ ଓ କାର୍ଯ୍ୟ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ରୁଷ ଯବାନମାନେ ଆକ୍ରମଣ ମୁଦ୍ରାରେ ରହିଛନ୍ତି ଓ ସେମାନେ ପୂର୍ବାପେକ୍ଷା ୟୁକ୍ରେନ ସୀମାର ଆହୁରି ନିକଟତର ହେଉଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧ ପରିସ୍ଥିତିକୁ ଟାଳିବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି। ଜେଲେନସ୍କି କହିଛନ୍ତି, "ପ୍ରକୃତରେ ରୁଷ କ'ଣ ଚାହୁଁଛି ବୁଝାପଡୁନାହିଁ। ତେଣୁ ମୁଁ ବୈଠକ କରି ଆପୋଷ ଆଲୋଚନା କରିବାକୁ ପ୍ରସ୍ତାବ ଦେଉଛି। ରୁଷ ନିଜ ପସନ୍ଦ ମୁତାବକ ସ୍ଥାନ ଆଲୋଚନା ପାଇଁ ବାଛି ପାରିବ। ୟୁକ୍ରେନ ଆପୋଷ ଆଲୋଚନା ଓ କୁଟନୀତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ରହିଛି।" ୟୁକ୍ରେନ ସୀମାରୁ ରୁଷ ନିଜ ସେନାକୁ ପ୍ରତ୍ୟାହାର କରିନେଇଥିବା କଥା କହୁଥିଲେ ମଧ ଏଥିରେ କେତେ ସତ୍ୟତା ରହିଛି, ସେକଥା ଜଣାପଡ଼ିନି। ଗୋଟିଏ ପଟେ ଉତ୍ତେଜନା ହ୍ରାସ ସପକ୍ଷରେ ଥିବା ରୁଷ ଅନ୍ୟପଟେ ସୀମାନ୍ତ ଅଞ୍ଚଳରେ ଘନଘନ କ୍ଷେପଣାସ୍ତ୍ର ପରୀକ୍ଷା କରୁଛି।

## ଭାରତର ବିଭିନ୍ନ ଭାଗରେ ....

ଆମର ଏହି ଭାରତଭୂମି ଧନ୍ୟ, ଯେଉଁଠି ଅନେକ ମହାନ ବିଭୂତିମାନେ ଲୋକମାନଙ୍କୁ ନିସ୍ୱାର୍ଥ ଉପାସନାର ମାର୍ଗ ପ୍ରଦର୍ଶିତ କରିଛନ୍ତି। ସେ କହିଛନ୍ତି ଯେ ଏପରି ମହାନ ବିଭୂତିମାନଙ୍କ ମଧ୍ୟରେ ଚୈତନ୍ୟ ମହାପ୍ରଭୁଙ୍କୁ ବିଶେଷ ମାନ୍ୟତା ପ୍ରାପ୍ତ ହୋଇଛି। ତାଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ଅବତାର ମଧ କୁହାଯାଏ। ସେଥିପାଇଁ ମହାପ୍ରଭୁ ଶବ୍ଦର ଉପଯୋଗ ଈଶ୍ୱରଙ୍କ ନାମ ବ୍ୟତୀତ କେବଳ ଶ୍ରୀ ଚୈତନ୍ୟଙ୍କ ପାଇଁ କରାଯାଇଥାଏ। ତାଙ୍କର ବିଲକ୍ଷଣ ଭକ୍ତିରେ ଅନୁପ୍ରାଣିତ ହୋଇ ବହୁସଂଖ୍ୟାରେ ଲୋକମାନେ ଭକ୍ତି ମାର୍ଗ ଚୟନ କରିଥିଲେ। ସେ କହିଛନ୍ତି ଯେ ଚୈତନ୍ୟ ମହାପ୍ରଭୁ କହୁଥିଲେ "ମନୁଷ୍ୟ ନିଜକୁ ତୃଣ ସମାନ ଛୋଟ ମନେ କରି ବିନୀତ ଭାବନା ନେଇ ଭଗବତ୍ ନାମକୁ ସ୍ମରଣ କରିବା ଉଚିତ୍। ସେ ବୃକ୍ଷ ଠାରୁ ମଧ ଅଧିକ ସହିଷ୍ଣୁ ହେବା ଉଚିତ୍। ମିଥ୍ୟା ପ୍ରତିଷ୍ଠା ଭାବନାରୁ ମୁକ୍ତ ହେବା ଆବଶ୍ୟକ ଏବଂ ଅନ୍ୟ ଲୋମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଲାଗି ସବୁବେଳେ ପ୍ରସ୍ତୁତ ରହିବା ଉଚିତ୍। ମନୁଷ୍ୟର ଏହି ଭାବ ରହିବା ଉଚିତ ଯେ ଈଶ୍ୱର ସର୍ବଦା କୀର୍ତ୍ତନୀୟ ଅଟନ୍ତି ଅର୍ଥାତ୍ ସବୁବେଳେ ଈଶ୍ୱରଙ୍କୁ ସ୍ମରଣ କରିବା ଜାରି ରହିବା ଉଚିତ୍।

## ତୃତୀୟ ପର୍ଯ୍ୟାୟ ନିର୍ବାଚନରେ....

ସ୍ଥାନୀୟ ତହସିଲଦାର, ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭୋଟ୍ ବାକ୍ସ ଉଦ୍ଧାର କରିଥିଲେ । ଅନ୍ୟପଟେ ଭଦ୍ରକ ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଉତ୍ତେଜନା ଦେଖିବାକୁ ମିଳିଛି । ପାଣିରେ ଭାସିଛି ବାଲାଟ ପେପର । କୋଲହ ପଞ୍ଚାୟତର ୪ ନମ୍ବର ବୁଥରେ ବାଲାଟ ପେପରରେ ଅନିୟମିତତାକୁ ନେଇ ତାତିଛନ୍ତି ଲୋକେ । ମତଦାନ କେନ୍ଦ୍ର ବନ୍ଦ କରିବା ସହ ପ୍ରିଜାଇଡିଂ ଅଫିସରଙ୍କୁ ମାଡ଼ ମାରିବା ସହ ଭୋଟ ବାକ୍ସକୁ ଏକ ପୋଖରୀରେ ପକାଇଦେଇଛନ୍ତି ଲୋକେ । ପୋଲିସ ଗାଡିକୁ ଘଟଣା ସ୍ଥଳକୁ ଛାଡ଼ିନଥିଲେ ଉତ୍ୟକ୍ତ ଲୋକେ । ଗାଁରେ ଉତ୍ତେଜନା ଲାଗିରହିଛି । ସେପଟେ ଭୋଟ ବାକ୍ସକୁ ପୋଖରୀରେ ଫିଙ୍ଗିବା ପରେ ପାଣିରେ ଭାସୁଛି ବାଲାଟ ପେପର ।

## ତୁରନ୍ତ ୟୁକ୍ରେନ ଛାଡ଼ିବାକୁ ....

କରିପାରିବେ। ଏହାପୂର୍ବରୁ ଫେବୃଆରୀ ୧୫ରେ କିଭ୍‌ରେ ଥିବା ଭାରତୀୟ ଦୂତାବାସ ସମସ୍ତ ନାଗରିକ ଓ ଶିକ୍ଷାର୍ଥୀମାନଙ୍କୁ ୟୁକ୍ରେନକୁ ଅସ୍ଥାୟୀ ଭାବେ ଛାଡ଼ିବାକୁ ପରାମର୍ଶ ଦେଇଥିଲା। ଏହି ନିର୍ଦ୍ଦେଶ ପରେ ରୁଷ ସୀମାରୁ ସୈନ୍ୟ ପ୍ରତ୍ୟାହାର କରୁଥିବା ଖବର ମିଳିଥିଲା। ତେଣୁ ଗୁରୁବାର ଭାରତ ସରକାର ୟୁକ୍ରେନରେ ରହିଥିବା ଭାରତୀୟ ନାଗରିକଙ୍କୁ ଜରୁରିକାଳୀନ ସ୍ଥିତିରେ ସ୍ୱଦେଶ ଆଣିବା ପାଇଁ କୌଣସି ଯୋଜନା ନଥିବା କହିଥିଲେ। ହେଲେ ଦୁଇ ଦିନ ଭିତରେ ପୁଣିଥରେ ରୁଷ ଓ ୟୁକ୍ରେନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କା ବଢ଼ିଛି। ତେଣୁ ଏବେ ପୁଣିଥରେ ୟୁକ୍ରେନ ଛାଡ଼ିବାକୁ ଭାରତୀୟ ଦୂତାବାଦ ପରାମର୍ଶ ଦେଇଛି।

## ନିର୍ବାଚନ ଖବର ସଂଗ୍ରହ ବେଳେ ଗଣମାଧ୍ୟମ....

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଗଣମାଧ୍ୟମ ଉପରେ ବାରମ୍ବାର ଆକ୍ରମଣ ଆମ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ, ଯାହା ଦୁଃଖ ଓ ପରିତାପର ବିଷୟ । ରାଜନୀତିରେ ବାଦବିବାଦ ରୁହେ କିନ୍ତୁ ହିଂସାର ସ୍ଥାନ ନାହିଁ ।ଲୋକଙ୍କ ସମସ୍ୟା ଓ ନିର୍ବାଚନ ସହ ଜଡ଼ିତ ଖବର ସଂଗ୍ରହ କରୁଥିବା ସାମ୍ବାଦିକ ଭାଇ ମାନଙ୍କ ଉପରେ ହେଉଥିବା ବାରମ୍ବାର ଆକ୍ରମଣ ଘଟଣା ନିର୍ବାଚନୀ ପରିଚାଳନା, ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ତଥା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପ୍ରଶାସନର ଦାୟିତ୍ୱ ହେଉଛି ଲୋକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା । ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନୀ ହିଂସା ଏବଂ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକୁ ଗୁରୁତ୍ୱର ସହ ନେଇ କଠୋର ପଦକ୍ଷେପ ନିଅନ୍ତୁ ।

## ତୃତୀୟ ପର୍ଯ୍ୟାୟରେ ....

ବୋଲି ଚିହ୍ନଟ ହୋଇଛି। ଏହି ବ୍ଲକଗୁଡ଼ିକରେ ୧୭୧ଟି ଜିଲ୍ଲା ପରିଷଦ ଜୋନରେ ମୋଟ ୬୭୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ମୋଟ ୫୬.୫୪ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଉଲ୍ଲେଖଯୋଗ୍ୟ,ଏପର୍ଯ୍ୟନ୍ତ ପଂଚାୟତ ନିର୍ବାଚନର ୨ଟି ପର୍ଯ୍ୟାୟରେ ମତଦାନ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବୁଧବାର ୭୭.୨% ମତଦାତା ମତଦାନ କରିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରେକର୍ଡ ୭୮.୩ ପ୍ରତିଶତ ମତଦାନ ହୋଇଛି।

## କାଦ୍ରିୟାଁ ପଞ୍ଚାୟତରେ ହୋଇଥିବା....

କରାଯାଇଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କଠାରେ ଲିଖିତ ଅଭିଯୋଗ ପାଇଁ କଂଗ୍ରେସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାତ୍ରା କରିଥିବା ଶ୍ରୀ ଗିରି କହିଛନ୍ତି। ସାନି ମତଦାନ ସହିତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅସାଧୁ ପୁଲିସ ଅଧିକାରୀ ଓ ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ନେତାମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସମ୍ପାଦକ ପଶୁପତି ଉପାଧ୍ୟାୟ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବିଂଝାରପୁର ସାମ୍ବାଦିକ....

ନେଉଥିବା ବେଳେ ପ୍ରାୟ ୪୦ରୁ ୫୦ ଜଣ ଲୋକ ଆକ୍ରମଣ କରିଦେଲେ । ଆଉ ଯେମିତି ଲାଗୁଥିଲା ସେମାନେ ହତ୍ୟା କରିବା ଉଦ୍ଦେଶ୍ୟରେ ଏଭଳି ଆକ୍ରମଣ କରୁଛନ୍ତି । କ୍ୟାମେରାରେ କଏଦ ହେଲା ଦୁର୍ବୃତ୍ତଙ୍କ ଚିତ୍ର । ମାଡ଼ ମାରିଲେ, ମୋବାଇଲ ଲୁଟ୍ କଲେ । ଏହି ଦୁର୍ବୃତମାନେ ହେଉଛନ୍ତି ଜଣେ ଜଣେ ଗଣତନ୍ତ୍ରର ଶତ୍ରୁ । ନିଜ ପ୍ରାର୍ଥୀର ବିଜୟକୁ ନେଇ ଆଶଙ୍କା ଦେଖାଦେଲେ ଏମାନେ ପଶୁ ବନିଯାଆନ୍ତି ଏବଂ ମରଣାନ୍ତକ ଆକ୍ରମଣ କରିବାକୁ ପଛାନ୍ତି ନାହିଁ । ଆକ୍ରମଣର ଶିକାର ହୋଇଛନ୍ତି କନକ ନ୍ୟୁଜର ସାମ୍ବାଦିକ ବିଜୟ ସାହୁ, କଳିଙ୍ଗ ଟିଭିର ସାମ୍ବାଦିକ ଦେବାଶିଷ ସାହୁ ଏବଂ ଅର୍ଗସ ନ୍ୟୁଜର ସାମ୍ବାଦିକ ଗୁଲଶାହା ନୱାଜ ଅଲ୍ଲିଖାନ୍ । ସାମ୍ବାଦିକ ମାନେ ସୁଟ୍ କରିଥିବା ମୋବାଇଲକୁ ଛଡ଼ାଇ ନେଇଛନ୍ତି ଦୁର୍ବୃତ । ଫଳରେ ଆକ୍ରମଣର ଆହୁରି କିଛି ସାଂଘାତିକ୍ ଦୃଶ୍ୟ ସାମ୍ନାକୁ ଆସିପାରିନାହିଁ । ନିର୍ବାଚନ କମିଶନଙ୍କୁ ଭେଟିଲେ ସାମ୍ବାଦିକ । ସାମ୍ବାଦିକଙ୍କୁ ସୁରକ୍ଷା ପାଇଁ କଲେ ଦାବି । ଏଭଳି ହିଂସାକାଣ୍ଡ ନିରପେକ୍ଷ ନିର୍ବାଚନ ପ୍ରତି ବଡ଼ ଧରଣର ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି । ପୁଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି । ପ୍ରଶ୍ନ ଉଠୁଛି, ସତ ଦେଖାଇବାକୁ ଘଟଣାସ୍ଥଳକୁ ଯାଉଥିବା ସାମ୍ବାଦିକଙ୍କୁ ସୁରକ୍ଷା ଦେବ କିଏ ? ଏହି ପ୍ରଶ୍ନକୁ ନେଇ କିଛି ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ, ପ୍ରିଣ୍ଟ ମିଡ଼ିଆର ବରିଷ୍ଠ ସାମ୍ବାଦିକ ଓ ପ୍ରତିନିଧି ମାନେ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ।

# ବାଲେଶ୍ୱର ଓଷ୍ଟାର ସଂପାଦକ ମନୋରଂଜନ ଦାସଙ୍କ ମାତୃବିୟୋଗ

ଜଳେଶ୍ୱର, ୨୦/୨(ନିପ୍ର) : ଓଷ୍ଟା ସଂଘର ବାଲେଶ୍ୱର ଜିଲା ସଂପାଦକ ମନୋରଂଜନ ଦାସଙ୍କ ମାତା ସ୍ନେହଲତା ଦାସ(୮୩) ଆଜି ରବିବାର ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇ ଯାଇଛି । ସେ ଜଣେ ଧର୍ମପରାୟଣା ତଥା ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଉପାସକ ଥିଲେ । ତାଙ୍କର ମୃତ୍ୟରେ ଗୋପିମୋହନପୁର ପଂଚାୟତରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ଅନ୍ତିମ ସଂସ୍କାର ନିଜ ଗାଁ କଲ୍ୟାଣପୁର ଶ୍ମଶାନରେ ହୋଇଥିବା ବେଳେ ପୁତ୍ର ମନୋରଂଜନ ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁଶର୍ଯ୍ୟା ନିକଟରେ ପୁତ୍ର, ପୁତ୍ରବଧୁ ରଂଗଲତା ଦାସ, ନାତୁଣୀ ପୂଜା, ଝିଅ ମେଘମାଳା, ଜ୍ୱାଇ ରଂଜନ, ନାତି ସୁରଜ, ସୌରଭ, ବିଷ୍ଣୁ, ପୁତୁରା ଜନାର୍ଜନ, ମଦନମୋହନ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, ଜଳେଶ୍ୱର ସଂପାଦକ ଡ. ଅଜିତ୍ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ବାରିକ, ଶଶାଙ୍କ ଶେଖର ମହାନ୍ତି, ରବିନ୍ଦ୍ର ନାଥ ଜେନା, ନିର୍ମାଳ କୁମାର ରାଜ, ପ୍ରଦୀପ ପ୍ରଧାନ, ଶୁଭେନ୍ଦୁ ପାତ୍ର, ନିର୍ମଳ ଚନ୍ଦ, ମନୋରଂଜନ ଦେ, ଅଶୋକ କୁମାର ରାୟ, ଅନୁପ ପରିଡା ପ୍ରମୁଖ ଶେଷ ଦର୍ଶନ କରିଥିବା ବେଳେ ବାଲେଶ୍ୱର ଓଷ୍ଟ ସଭାପତି ବାଦଲ ଚନ୍ଦ୍ର ପାତ୍ର, ଦୀପକ ଆଚାର୍ଯ୍ୟ, ବୈକୁଣ୍ଠ ପୋଥାଳ, ସିଦାର୍ଥ ତ୍ରିପାଠୀ, ନିରଂଜନ ଘଡାଇ, ବିଜୟ ପାତ୍ର, ହରିପଦ ଭୂୟାଁ, ପ୍ରଶାନ୍ତ ମହାନ୍ତି, ବଳରାମ ସୋ, ବଂଶୀଧର ବାରିକ୍, ଇନ୍ଦୁ ମାଧବ ମହାନ୍ତି, ପ୍ରକାଶ ଚନ୍ଦ୍ର ମହାନ୍ତି, ରମେଶ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ଆଗରପଡ଼ା ଜୋନ୍- ହାରଜିତ୍‌କୁ ନେଇ ଚାଲିଛି ଅଙ୍କକଷା

ଭଦ୍ରକ, ୨୦/୦୨ (ନି.ପ୍ର): ଗତ ୧୬ ତାରିଖରେ ବନ୍ତ ବ୍ଲକ ଅର୍ନ୍ତଗତ ଆଗରପଡ଼ା ୧୪ନଂ ଜୋନ,ବନ୍ତ ୧୫ନଂ ଜୋନ ଓ କେନ୍ଦୁଆପଦା ୧୬ନଂ ଜୋନ ସ୍ଥିତ ୨୫ଟି ପଂଚାୟତରେ ମତଦାନ ସରିଯାଇଛି । କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ମତଦାନ ହୋଇଥିଲା । ପ୍ରାର୍ଥୀମାନଙ୍କ ଦ୍ୱାରା ଜିତ୍‌କୁ ନେଇ ବର୍ତମାନ ଅଙ୍କକଷା ଜୋର ଧରିଛି ନେତାମାନଙ୍କ ମହଲରେ। ଏଥି ସହିତ ଚା ଓ ପାନ ଦୋକାନ ଗୁଡ଼ିକରେ ଏହି ଚର୍ଚ୍ଚା ଜୋର ଧରିଛି । ଫୋକସରେ ରହିଥିବା ପଂଚାୟତ ଗୁଡ଼ିକର ଫଳାଫଳକୁ ନେଇ ନେତାମାନେ ଆଶା ଆଶଙ୍କାରେ ରହିଛନ୍ତି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସୁପୁତ୍ର ତଥା ରାଜ୍ୟ ବିଜେଡ଼ି ସଂପାଦକ ଇଂ ପ୍ରୟାସ କାନ୍ତି ସାମଲ (ଲୁଲୁ) ଏଥର ସିଧାସଳଖ ଭାବେ ନିର୍ବାଚନ ପରିଚାଳନା କରୁଥିଲେ। ସେ ଏଥର ଦଳୀୟ ପୁରୁଖା ନେତାଙ୍କୁ ଛାଡ଼ି ତ୍ରିମୂର୍ତୀ କୁହାଯାଉଥିବା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ବିପିନ ବିହାରୀ ନାୟକ,ବ୍ଲକ ଯୁବ ସଭାପତି ସତ୍ୟ ସାଧନ ବେଜ ଓ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କାଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟ ସଂପନ୍ନ କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ସୁପୁତ୍ର ତଥା ରାଜ୍ୟ ବିଜେପି ସଂପାଦକ ଅଭିମନ୍ୟୁ ସେଠୀ ଓ କଂଗ୍ରେସ ପୂର୍ବତନ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ନିଜ ନିଜ ଦଳର ନିର୍ବାଚନ ମଙ୍ଗ ଧରିଥିଲେ । ଆଗରପଡ଼ା ଜୋନ ସମେତ ସମଗ୍ର ବ୍ଲକରେ ମୁଖ୍ୟତଃ ବିଜେଡ଼ି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ଜୋରଦାର ହୋଇଥିଲା । ବିଟିପୁର, ପୁରୁଷଣ୍ଡ, ମହାନ୍ତିପଡ଼ା, ଚାରିଗାଁ ଓ ବଡ଼ମହିଁଷଗୋଠ ପଂଚାୟତ ସରପଂଚ ଓ ସମିତିସଭ୍ୟ ପଦ ହାସଲ ପାଇଁ ବିଜେଡ଼ି ଲକ୍ଷ୍ୟ ରଖିଥିବାବେଳେ ଆଡ଼ିଆ, ରାମଚନ୍ଦ୍ରପୁର, ଗୋପିନାଥପୁର ଓ ଅଣିଜୋ ପଂଚାୟତକୁ ଅକ୍ତିଆର ପାଇଁ କଂଗ୍ରେସ ଜୋରଦାର ଉଦ୍ୟମ କରିଥିଲା । ବିଜେପି ଏଠାରେ ୩ୟ ସ୍ଥାନରେ ରହିବ ବୋଲି ଚର୍ଚ୍ଚା ହେଉଛି । ତେବେ ଆସନ୍ତା ୨୬ ତାରିଖ ଫଳାଫଳକୁ ଭୋଟର, ନେତା ଓ ପ୍ରାର୍ଥୀମାନେ ଅପେକ୍ଷା କରିଛନ୍ତି । ଏଥର ନିର୍ବାଚନରେ ବିଟିପୁରରେ ସର୍ବାଧିକ ୮୨.୫୫ ଶତକଡ଼ା ଓ ଅଣିଜୋରେ ସର୍ବନିମ୍ନ ୭୩.୩୫ ଶତକଡ଼ା ମତଦାନ ହୋଇଥିବାର ଜଣାପଡ଼ିଛି ।

## ବାସନ୍ତୀ କରଙ୍କ ଦୁଇଟି ପୁସ୍ତକ 'ସ୍ମୃତି ଶାମୁକା' ଓ 'ସ୍ମୃତି ପ୍ରଦୀପ' ଲୋକାର୍ପିତ



ବାଲେଶ୍ୱର,୨୦/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବାସନ୍ତୀ କରଙ୍କ ରଚିତ ଗଳ୍ପ ସଂକଳନ 'ସ୍ମୃତି ପ୍ରଦୀପ' ଓ କବିତା ସଂକଳନ 'ସ୍ମୃତି ଶାମୁକା' ଲୋକାର୍ପିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ବର୍ଷୀୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରି ଜୀବନର ସ୍ମୃତିସମ୍ବଳିତ ଗଳ୍ପ ଓ କବିତାଗୁଡ଼ିକ ଲେଖିକାଙ୍କ ବଳିଷ୍ଠ ସୃଷ୍ଟି ବୋଲି ମତପ୍ରକାଶ କରିଥିଲେ। ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଗବେଷକ ତଥା 'ଅକ୍ଷାଂଶ'ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଯଥାକ୍ରମେ କବିତା ଓ ଗଳ୍ପ ପୁସ୍ତକକୁ ଆଲୋଚନା କରିବା ପରିପ୍ରେକ୍ଷୀରେ କହିଥିଲେ ଯେ ପରିଦୃଶ୍ୟମାନ ବାସ୍ତବତାରୁ ଲେଖିକା ଉପାଦାନ ସଂଗ୍ରହ କରି ତାହାକୁ ନାନ୍ଦନିକ ସୌନ୍ଦର୍ଯ୍ୟରେ ବିମଣ୍ଡିତ କରାଇଛନ୍ତି। 'ପରିଚୟ'ର ମୁଖ୍ୟସଂପାଦିକା ସୁଶ୍ରୀ ଅରୁଣା ରାୟ ନିଜର ବକ୍ତବ୍ୟ ରଖିଥିଲେ। ଅକ୍ଷାଂଶ ପ୍ରକାଶିନୀ ପକ୍ଷରୁ ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଲେଖିକା ବାସନ୍ତୀ କର ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ଲେଖିକାଙ୍କ ଅଶୀତିପର ମାତା ଶ୍ରୀମତୀ ବନଲତା କର ମଞ୍ଚରେ ଉପସ୍ଥିତ ଥିଲେ। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ ପ୍ରାକ୍‌କଥନ ରଖିଥିବାବେଳେ ସଂପାଦକ ଦୀପକ ବୋଷ କବୀଙ୍କର ଗୋଟିଏ କବିତା ଆବୃତ୍ତି କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୬ ଗିରଫ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୬ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୮୩୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୩୮,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଅନ୍ଧାରରେ ଭୋଟ ବାକ୍ସ : ସୁରକ୍ଷା ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଜଳେଶ୍ୱର, ୨୦/୨(ନିପ୍ର) : ତ୍ରିସ୍ତରୀୟ ନିର୍ବାଚର ପ୍ରଥମ ପର୍ଯ୍ୟାୟ ଭୋଟ ଜଳେଶ୍ୱର ବ୍ଲକରେ ଅନୁଷ୍ଠିତ ହୋଇ ଯାଇଛି। ଭୋଟ ବାକ୍ସ ଗୁଡିକ ସ୍ଥାନୀୟ ଦୀନକୃଷ୍ଣ ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ଏଠାରେ ଆସନ୍ତା ୨୬ ତାରିଖରୁ ଭୋଟ ଗଣତି ହେବ ବୋଲି ପ୍ରଶାସନୀକ ସ୍ତରରେ ବ୍ୟବସ୍ଥା କରାଯାଇଛି । ଏହି ଭୋଟବାକ୍ସ ଗୁଡିକର ସୁରକ୍ଷା ଲାଗି ସିସି ଟିଭି କ୍ୟାମେରା ଓ ସଶସ୍ତ୍ର ସୁରକ୍ଷା ବଳ, ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସିସି ଟିଭି ଫୁଟେଜ୍‌ର ଡିସ୍‌ପ୍ଲେକୁ ବାହାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି । ଜେନେରେଟର ନ ଥିବାରୁ ବିଦ୍ୟୁତ୍ ଚାଲିଗଲାପରେ ଡିସ୍‌ପ୍ଲେ ବନ୍ଦ ରହିବା, ସ୍ଥାନଟି ଅନ୍ଧକାରରେ ରହିବା ଯୋଗୁଁ ଏହାର ସୁରକ୍ଷା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଆଜି କଂଗ୍ରେସର ଟାଉନ୍ ସଭାପତି ଗିରିଜା ଶଂକର ଦାସ, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜିଲା କଂଗ୍ରେସ ସଂପାଦକ ହେମନ୍ତ ଗିରି ପ୍ରମୁଖ ଏକ ପ୍ରତିନିଧିଦଳ ସେଠାକୁ ଯାଇ ଅବ୍ୟବସ୍ଥା ମଧ୍ୟରେ ଓ ଅସୁରକ୍ଷା ବଳୟ ମଧ୍ୟରେ ଭୋଟ ବାକ୍ସ ରହିଥିବା ଦେଖି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇ ଲିଖିତ ଅଭିଯୋଗ କରାଯାଇଥିବା ଜଣାଯାଇଛି ।

## ଭାରତ ଚୀନ ସମ୍ପର୍କ ସବୁଠାରୁ କଠିନ ପରିସ୍ଥିତି ଦେଇ ଗତି କରୁଛି : ବିଦେଶ ମନ୍ତ୍ରୀ

ନୂଆଦିଲ୍ଲୀ, ୨୦/୦୨ : ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ବର୍ତମାନ ସବୁଠାରୁ କଠିନ ସମୟ ଦେଇ ଗତି କରୁଛି । ଏହାର ମୁଖ୍ୟ କାରଣ ଚୀନର ସୀମାରେ ବଡ଼ ସଂଖ୍ୟାରେ କରାଯାଇଥିବା ସୈନ୍ୟ ଜମା ଅଟେ। ଏହା ଦୁଇ ଦେଶ ମଧ୍ୟରେ ହୋଇଥିବା ବୁଝାମଣାର ଉଲ୍ଲଂଘନ ଅଟେ। ମ୍ୟୁନିଖ ସୁରକ୍ଷା ସମ୍ମିଳନୀ(ଏମ୍‌ଏସ୍‌ସି)- ୨୦୨୨ର ପ୍ୟାନେଲ ଡିସ୍‌କସନରେ ବିଦେଶ ମନ୍ତ୍ରୀ ଏହି ବିଷୟରେ ଜୋର ଦେଇ କହିଛନ୍ତି ଯେ ସୀମାରେ ସ୍ଥିତି ସମ୍ବନ୍ଧର ସ୍ଥିତି ନିର୍ଦ୍ଧାରଣ କରେ। ସେ କହିଛନ୍ତି ଯେ ବାସ୍ତବିକ ନିୟନ୍ତ୍ରଣ ରେଖାକୁ ନେଇ ଭାରତ ଏବଂ ଚୀନ୍ ମଧ୍ୟରେ ଗତିରୋଧ ହୋଇଛି। ଏକ ପ୍ରଶ୍ନର ଉତରରେ ବିଦେଶ ମନ୍ତ୍ରୀ କହିଛନ୍ତି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ସୀମାରେ ୪୫ବର୍ଷ ପର୍ଯ୍ୟନ୍ତ ଶାନ୍ତି ରହିଛି। ୧୯୭୫ ପରେ ସୀମାରେ କୌଣସି ଘଟଣା ହୋଇନାହିଁ।

## ବାଲେଶ୍ୱର ଗୋଲ୍ଡ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

### ମର୍ଣ୍ଣିଂଷ୍ଟାରକୁ ହରାଇ ଜଗତ କ୍ରିକେଟ କ୍ଲବ ପ୍ରଥମ ମ୍ୟାଚ ବିଜୟୀ



ବାଲେଶ୍ୱର,୨୦୧୨(): ବାଲେଶ୍ୱର ସମ୍ରାଟ ସ୍ପୋର୍ଟିଂଏଣ୍ଡ କଲଚୁରାଲ କ୍ଲବ ଆନୁକୂଲ୍ୟରେ ବିଜୟ ମହାନ୍ତି ମେମୋରିଆଲ ବାଲେଶ୍ୱର ଗୋଲ୍ଡ କପ-୨୦୨୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପରମିଟ ପଡିଆରେ ଆଜି ଉଦଘାଟିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ବାଲେଶ୍ୱର ଜିଲା କ୍ରୀଡ଼ାସଂଘର କୋଷାଧକ୍ଷ ଅମର ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଏହା ଦ୍ୱାରା ବାଲେଶ୍ୱରରୁ ବହୁ ଉଦୀୟମାନ କ୍ରିକେଟ ଖେଳାଳି ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରିଛନ୍ତି ବୋଲି କହିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଭାସ୍କର ବେହେରା, ବାଲେଶ୍ୱର ଜିଲା କ୍ରିଡ଼ା ସଂଘର ସଦସ୍ୟ ସତ୍ୟରଞ୍ଜନ ଦାସ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ଦାସ, ସମ୍ରାଟ କ୍ରିକେଟ କ୍ଲବର ବରିଷ୍ଠ ଖେଳାଳି ଅମରେନ୍ଦ୍ର ପାତ୍ର, ଶିବାନୀଶଙ୍କର ପଣ୍ଡା, ସନ୍ତୋଷ ଅଗସ୍ତି, ଅୟନ ସେନ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ କମିଟି କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଲେଶ୍ୱର ଗୋଲ୍ଡ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି ଅଧ୍ୟକ୍ଷ ଅଜିତ କୁମାର ପାତ୍ର ଉଦଘାଟନୀ କାର୍ଯ୍ୟକ୍ରରେ ସଂଯୋଜନା କରିଥିଲେ । ପ୍ରାରମ୍ଭରେ କ୍ଲବର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତଃ ବିଜୟ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୨୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୪୦ ଓଭର ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ ମର୍ଣ୍ଣିଂଷ୍ଟାର କ୍ଲବ ଓ ଜଗତ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମର୍ଣ୍ଣିଷ୍ଟାର ୨୮.୩ ଓଭରରେ ସମସ୍ତ ଉଇକେଟ ହରାଇ୧୫୧ ରନ ସଂଗ୍ରହ କରିଥିବା ବେଳେ ଜଗତ କ୍ରିକେଟ କାଡେମୀ ୩୮.୫ ଓଭରରେ ୮ ଉଇକେଟ ବିନିମୟରେ ୧୫୨ ରନ ସଂଗ୍ରହ ସହ ବିଜୟୀ ଘୋଷିତ ହୋଇଥିଲା। ଅମିତ ଅମିତାଭ ମହାକୁଡ଼ ଓ ଗିରିଶ ସାହୁ ଆମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ । ସୋମେନ୍ଦ୍ର ସାହୁ ଓ ରାହୁଲ ସିଂହ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ଅଲରାଉଣ୍ଡର କ୍ଲବ ଓ ବିସିଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅଶ୍ୱିନୀ ସାମଲ, ଅଶୋକ ବାରିକ, ଅବିନାଶ ପାତ୍ର, ଦିଲୀପ ଦାସମହାପାତ୍ର, ବିଜୟ ପାଢ଼ୀ, ଅଜିତ ପାତ୍ର, ଶେଖ ଜଲାଲୁଦ୍ଦିନ, ନରୋତ୍ତମ ଭଞ୍ଜ, ଅମିତ ଦାଶ, ଜୟକୃଷ୍ଣ ନାୟକ, ନାଜମଲ ହୋଦା, ରାଜକିଶୋର ଦାସ ପ୍ରମୁଖ କ୍ଲବର ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରୁଛନ୍ତି ।

### ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ଛାତ୍ର କଂଗ୍ରେସର ନିନ୍ଦା

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ବିଞ୍ଝାରପୁର ଏବଂ ରାଜ୍ୟ ର ବିଭିନ୍ନ ସ୍ଥାନରେ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କୁ ଶାସକ ଦଳର ଗୁଣ୍ଡା ମାନେ ଯେଉଁଭଳି ଭାବରେ ମରଣାନ୍ତକ ଆକ୍ରମଣ କରିଛନ୍ତି ତାହାକୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ୍ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀ ନୱାଜ୍ କହିଛନ୍ତି ଯେ ଯେଉଁ ସାମ୍ବାଦିକ ମାନେ ଶାସକ ଦଳର ଭୋଟ ବାକ୍ସ ଅପହରଣକୁ ଲୋକ ଲୋଚନକୁ ଆଣିବା ପାଇଁ ସାହସିକତାର ସହ ସେଠାରେ କାର୍ଯ୍ୟ କରୁଥିଲେ ସେମାନେ ଗଣତନ୍ତ୍ର ର ସୁରକ୍ଷା ପାଇଁ ଚତୁର୍ଥ ସ୍ତମ୍ଭ ର ପ୍ରକୃତ ଦାୟିତ୍ୱ ନିଭାଇ ଥିଲେ, ସେମାନଙ୍କ ର ଭୂମିକା ପ୍ରସଂଶନୀୟ । ଶାସକ ଦଳର ଭୋଟ ଚୋରି, ଭୟଭୀତ କରି ଭୋଟ୍ ନେବା , ଅର୍ଥ ବଳ ପ୍ରୟୋଗ କରି ଏବଂ ପ୍ରଲୋଭନ ଦେଖାଇ ଭୋଟ ହାତେଇବା ଆଦି ଅଗଣତାନ୍ତ୍ରିକ କାର୍ଯ୍ୟ କୁ ପ୍ରତିହତ କରିବା ପାଇଁ ସାମ୍ବାଦିକ ମାନେ ନିଜ ଜୀବନ କୁ ବାଜି ଲଗାଇ କାର୍ଯ୍ୟ କରୁଥିଲେ ବିଜେଡି ଏବଂ ବିଜେପି ଉଭୟ ଓଡ଼ିଶା ରେ ଗଣମାଧମ ର କଣ୍ଠରୋଧ କରିବା ପାଇଁ ଯେଉଁ ହୀନ କାର୍ଯ୍ୟ କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

## ରାଜ୍ୟ ଉପଭୋକ୍ତା ସୁରକ୍ଷା ପରିଷଦର ସଭ୍ୟ ଭାବେ କନିଷ୍କ ବୋଧିସତ୍ୱ ମନନୀତ

ଜଳେଶ୍ୱର ୨୦/୨(ନିପ୍ର) : ଉତ୍ତର ବାଲେଶ୍ୱରରେ ଜଣେ ଟାଣୁଆ ଯୁବ ସଂଗଠକ ତଥା ଛାତ୍ରନେତା ଭାବେ ପରିଚିତ କନିଷ୍କ ବୋଧିସତ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ପରିଷଦର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ସେ ବାଲେଶ୍ୱର ଜିଲାରୁ ସଦସ୍ୟଭାବେ ମନୋନୀତ ହୋଇଥିବାରୁ ଜଳେଶ୍ୱର ଅଂଚଳରେ ତାଙ୍କ ଅନୁଗାମୀ, ଶୁଭେଚ୍ଛୁ, ସମର୍ଥକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି। ସେ ୨୦୧୯-୨୦ରୁ ବିଜୁ ଜନତା ଦଳର ରାଜ୍ୟ ପରିଷଦର ସଦସ୍ୟ ରହି ବାଲେଶ୍ୱର ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସାମିଲ ହେବା ସହିତ ଦଳକୁ ତୃଣମୂଳ ସ୍ତରରୁ ମଜବୁତ୍ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ଏହାଛଡା ସେ ଆଂଚଳିକ ପରିବହନ ପ୍ରାଧିକରଣ ସଦସ୍ୟ ମଧ୍ୟ ରହିଛନ୍ତି । ଅତୀତରେ ଜୀବନବିନ୍ଦୁ ରାଜ୍ୟ ସଂଯୋଜକ, ରେଭେନ୍ସା କଲେଜରେ ଛାତ୍ର ସଂଗଠନର ସଭାପତି, ବିଜେଡି ଦଳ ପକ୍ଷରୁ ବରି ଓ ତେଲକୁଇର ପର୍ଯ୍ୟବେକ୍ଷକ, ରାଜ୍ୟ ଛାତ୍ର ସଂଗଠନର ସଂପାଦକ ରହି ଗଠନମୂଳକ କାର୍ଯ୍ୟ କରିଥିବାରୁ ତାଙ୍କୁ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ବହୁ ପଦପଦବୀରେ ଅବସ୍ଥାପିତ କରାଯାଇଛି । ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ଜିଲାର ବିଭିନ୍ନ ଅଂଚଳର ତାଙ୍କ ଅଗଣତି ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମଧୁସୂଦନ ଆଇନ ଗ୍ରନ୍ଥାଗାର ଉଦଘାଟିତ




ବାଲେଶ୍ୱର,୨୦/୦୨ (ନି.ପ୍ର): ବାଲେଶ୍ୱର ଜିଲା ଓକିଲ ସଂଘ ପକ୍ଷରୁ ମଧୁସୂଦନ ଆଇନ ଗ୍ରନ୍ଥାଗାର ରବିବାର ଉଦାଘାଟିତ ହୋଇଯାଇଛି । ଜିଲା ଓ ଦୌରାଜଜ ଭଗବାନ ପ୍ରଧାନ, ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଓଡ଼ିଶା ମାନବାଧିକାର ଆୟୁକ୍ତ ଅସୀମ ଅମିତାଭ ଦାସ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏହି ଗ୍ରାନ୍ଥାଗାରକୁ ମିଳିତ ଭାବେ ଉଦଘାଟନ କରିଥିଲେ। ନବାଗତ ଆଇନଜୀବୀଙ୍କ ପାଇଁ ଏହା ବେଶ ସହାୟକ ହେବ ବୋଲି ସେମାନେ କହିଥିଲେ। ସାମ୍ପ୍ରତିକ ନୂତନ ସଂଶୋଧିତ ଆଇନ ସମ୍ପର୍କରେ ସବିଶେଷ ଜାଣିବା ପାଇଁ ଏହି ଗ୍ରନ୍ଥାଗାର ଏକ ସୁଯୋଗ ହୋଇଛି ବୋଲି ସେମାନେ ମତ ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ ସଭାପତିତ୍ୱ କରିବା ସହ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ବାସୁଦେବ ନାୟକଙ୍କ ସ୍ମୃତିରେ ଏହି ଗ୍ରନ୍ଥାଗାର ସ୍ଥାପନ କରାଯାଇଥିବା ସୂଚନା ଦେଇଥିଲେ। ତାଙ୍କ ପୁତ୍ର ତ୍ରିଦୀପ ନାୟକ ଓ ଆଇନଜୀବୀ ବିନୋଦ ନାୟକଙ୍କ ପ୍ରଦତ୍ତ ୩.୫ ଲକ୍ଷ ଟଙ୍କା ଓ ବାକି ଆବଶ୍ୟକ ସଂଘର ଅର୍ଥରେ ଏହି ଗ୍ରନ୍ଥାଗାର ପ୍ରତିଷ୍ଠା ହୋଇଛି ବୋଲି ଶ୍ରୀ ନାୟକ କହିଥିଲେ। ଆସୋସିଏସନର ସମ୍ପାଦକ ସମ୍ବିତ ନାୟକ ଏହି ଉତ୍ସବରେ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଘର କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଗ୍ରନ୍ଥାଗାର ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଫେରିଗଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ଦୁଇ ଦିନିଆ ଓଡିଶା ଗସ୍ତ ସାରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଫେରିଯାଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରରୁ ରାଷ୍ଟ୍ରପତି ସିଧାସଳଖ ବିଶାଖାପାଟଣା ଅଭିମୁଖେ ଯାଇଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତିଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଥିଲେ । ରବିବାର ଦିନ ପୁରୀରେ ବିଶ୍ୱ ବୈଷ୍ଣବ ସାଧୁ ସମ୍ମିଳନୀରେ ଯୋଗଦେଇ ଭୁବନେଶ୍ୱର ବିମାନବନ୍ଦର ଫେରିଥିଲେ ରାଷ୍ଟ୍ରପତି। ରାଷ୍ଟ୍ରପତି ଏଠାରୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ସେ ଫେରିଯାଇଛନ୍ତି ।

## 'ଯୁଗଶ୍ରୀ ଯୁଗନାରୀ'ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର



ବାଲେଶ୍ୱର, ୨୦/୦୨ (ନି.ପ୍ର): 'ଯୁଗଶ୍ରୀ ଯୁଗନାରୀ' ମାସିକ ମହିଳା ପତ୍ରିକାର ସଂପାଦିକା ତଥା ଆୟୋଜକ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର ଖଲାସି ମହାଲା ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡାକ୍ତର ଚାରୁବାଳା ରଥ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବାରିପଦା ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ଏବଂ କରୋନା ସମ୍ବନ୍ଧରେ ବିଭିନ୍ନ ଉଦାହରଣ ମାଧ୍ୟମରେ ସଚେତନ କରିଥିଲେ। ଏହି ଶିବିରରେ ସମାଜସେବୀ ଶ୍ରୀଯୁକ୍ତ ଯୋଗେନ୍ ଚନ୍ଦ୍ର ରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟତମ ଅତିଥିଭାବେ 'ଯୁଗଶ୍ରୀ ଯୁଗନାରୀ'ର ଉପଦେଷ୍ଟା ସୁଶ୍ରୀ ଗୀତାଞ୍ଜଳି ସିଂହ ଏଭଳି ଶିବିର ଆୟୋଜନର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଗାଳ୍ପିକା ସ୍ମୃତି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ପତ୍ରିକାର ବସନ୍ତ ପ୍ରଧାନ, ସମାଜସେବୀ ମନ୍ଦାକିନୀ ବେହେରା, ବିନତୀ ବେହେରା, ସୁକାନ୍ତି ବେହେରା, ଶାନ୍ତିଲତା ବେହେରା, ହୈମବତୀ ବେହେରା, ବାସନ୍ତୀ ବେହେରା, ମିନତୀ ବେହେରା, ଅନୀତା ବେହେରା, ସସ୍ମିତା ସାହୁ, ସରୋଜିନୀ ସାହୁ, ମାହେଶ୍ୱରୀ ବେହେରା, ସୁଜାତା ବେହେରା, ଝିଲ୍ଲିରାଣୀ ନନ୍ଦୀ, ଜାନକୀ ନନ୍ଦୀ, ତୁଳସୀ ବେହେରା, ବିଷ୍ଣୁପ୍ରିୟା ବେହେରା, ସସ୍ମିତା ବେହେରା, ଅପର୍ଣ୍ଣା ବେହେରା, ମିନତୀ ସାହୁ, କୈଳାସ ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ବହୁ କର୍ମକର୍ତାଙ୍କ ସହିତ ଶତାଧିକ ମହିଳା ଯୋଗ ଦେଇଥିଲେ । ଶେଷରେ ସମାଜସେବୀ ବିଷ୍ଣୁପ୍ରିୟା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଟିଏ ଦିନରେ ୪୯୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୯୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୨୪୮୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୭୧୦୯ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୩୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୪୯୨ ଜଣଙ୍କ ମଧ୍ୟରୁ ୨୮୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୦୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ରୁ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩ , କଟକରୁ ୩୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୬, ଗଂଜାମ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪, ଯାଜପୁରରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୯ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩, ଖୋର୍ଦ୍ଧାରୁ ୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୯୬, ଷ୍ଟେଟ୍ ପୁଲରୁ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡ଼ିଆରକେ (ବି) ୧୫୩ ରନରେ ବିଜୟୀ



ବାରିପଦା, ୨୦/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଡ଼ିଆରକେ (ବି) ଟିମ ମା(ରେଡ ) ଟିମକୁ ୧୫୩ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ଦଳ ୩୫ ଓଭରରେ ୮ ଉଇକେଟ ହରାଇ ୨୬୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦିବ୍ୟ ରଞ୍ଜନ ଦାସ ୯୬ ରନ, ସଞ୍ଜୟ ସିଂହ ୫୪ ରନ ଓ ଭାରସ୍ୱେୟ ବିନାୟକ ଦାସ (ଡବ୍ଲୁ) ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ଅନିକେତ ପରିଡା ଓ ଇନ୍ଦ୍ରଜିତ ବେଶ୍ରା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମା (ରେଡ) ଦଳ ୩୩.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୩ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ଇନ୍ଦ୍ରଜିତ ବେଶ୍ରା ସର୍ବାଧିକ ୨୩ରନ କରିଥିବାବେଳେ ବିପକ୍ଷ ଦଳର ସୁବ୍ରତ କୁମାର ସିଂହ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଦିବ୍ୟ ରଞ୍ଜନ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଓ ଆଜିର ଖେଳକୁ ଜଗଦୀଶ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ଆଜିର ମ୍ୟାଚକୁ ବରିଷ୍ଠ ଆଇନଜୀବୀ ବିଜନ ଦାସ, କ୍ରୀଡ଼ାବିତ ଆଶିଷ ସାମଲ ଓ ସୁନୀଲ ନାୟକ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଓ ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ । ଆସନ୍ତାକାଲି ଜେ କେ ସି ସି କ୍ଲବ ଓ ରାଇରଙ୍ଗପୁର ଦଳ ମଧ୍ୟରେ ଖେଳ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo